୬ ହାଇ-ଭୋଲଟେଜ୍ ମ୍ୟାଚ୍ ପୂର୍ବରୁ ଦଳ ଛାଡ଼ିଲେ ୱାଶିଂଟନ ସୁନ୍ଦର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୨୬ ● ୧୩ ସେପ୍ଟେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-226 ● 13th September 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




# ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୧୨।୯**

ଶୁକ୍ରବାର ନୂଆଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପରିଯୋଜନା ଓ ଭବିଷ୍ୟତ ରୂପରେଖ ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ରମନ୍ତ୍ରୀଙ୍କ ଶ୍ରୀ ନଡ୍ଡାଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।



ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡାଙ୍କୁ ଭେଟିଥିବା ଏକ୍ସରେ ପୋଷ୍ଟ କରି ଜଣାଇଛନ୍ତି। ଏକ୍ସ ପୋଷ୍ଟରେ ୩ଟି ଫଟୋ ସେୟାର କରାଯାଇଛି । ଫଟୋରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନଜର ଆସିଛନ୍ତି।

ଫଟୋ ସେୟାର କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲେଖିଛନ୍ତି, 'ଆଜି ନୂଆଦିଲ୍ଲୀଠାରେ ଆମ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲି। ଏହି ଅବସରରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପରିଯୋଜନା ଓ ଭବିଷ୍ୟତ ରୂପରେଖ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।'

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶନିବାର ନୂଆଦିଲ୍ଲୀରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗରେ ଅନ୍ୟ କେତେ ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।

# ୧୫ତମ ଉପ ରାଷ୍ଟ୍ରପତି ଭାବେ ଶପଥ ନେଲେ ସିପି ରାଧାକ୍ରିଷ୍ଣନ

**ନୂଆଦିଲ୍ଲୀ, ୧୨।୯**

ଶୁକ୍ରବାର ଦେଶର ୧୫ତମ ଉପ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ସିପି ରାଧାକ୍ରିଷ୍ଣନ। ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ନିକଟରେ ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏରୁ ପ୍ରାର୍ଥୀ ହୋଇଥିବା ରାଧାକ୍ରିଷ୍ଣନ ୧୫୧ ଖଣ୍ଡ ଭୋଟରେ ବିରୋଧୀ ମେଣ୍ଟର ପ୍ରାର୍ଥୀ ଜଷ୍ଟିସ ସୁଦର୍ଶନ ରେଡ୍ଡୀଙ୍କୁ ପରାସ୍ତ କରିଥିଲେ। ରାଧାକ୍ରିଷ୍ଣନଙ୍କୁ ୪୫୨ ଓ ଜଷ୍ଟିସ ରେଡ୍ଡୀଙ୍କୁ ୩୦୦ ଖଣ୍ଡ ଭୋଟ ମିଳିଥିଲା।

ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନରେ ଜିତିଥିବା ରାଧାକ୍ରିଷ୍ଣନ ଶୁକ୍ରବାର ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରିଛନ୍ତି। ଶପଥ ପାଠ ଉତ୍ସବରେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ଦେଖିବାକୁ ମିଳିଥିଲା। କାର୍ଯ୍ୟକାଳ ପୂରଣ ହେବା ଆଗରୁ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ଇସ୍ତଫା ଦେବା ପରେ ସେ ସର୍ବସାଧାରଣରୁ ଦୂରେଇ ଯାଇଥିଲେ। ଏବେ ତାଙ୍କୁ ରାଧାକ୍ରିଷ୍ଣନଙ୍କ ଶପଥ ପାଠ ଉତ୍ସବରେ ପ୍ରଥମଥର ଦେଖିବାକୁ ମିଳିଛି।



ଧନଖଡ଼ ଜୁଲାଇ ୨୧ରେ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ଏଥିଯୋଗୁ ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହୋଇଥିଲା। ରାଧାକ୍ରିଷ୍ଣନଙ୍କ ଶପଥ ପାଠ ଉତ୍ସବରେ ଧନଖଡ଼ଙ୍କ ବ୍ୟତୀତ ଭେଙ୍କିୟା ନାଇଡୁ ଓ ହମିଦ ଅନସାରୀ ମଧ୍ୟ ଉପରାଷ୍ଟ୍ରପତିଙ୍କ ଶପଥ ଉତ୍ସବରେ ସାମିଲ ହୋଇଥିଲେ। ଉଭୟ ଦେଶର ଉପ ରାଷ୍ଟ୍ରପତି ଭାବେ ଏକଦା କାମ କରିଥିଲେ।

ଏମାନଙ୍କ ବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କର୍ଣ୍ଣାଟକ ରାଜ୍ୟପାଳ ଥୱରଚାନ୍ଦ ଗେହଲଟ, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ, ପଞ୍ଜାବ ରାଜ୍ୟପାଳ ଗୁଲାବ ଚାନ୍ଦ କଟାରିଆ, ଝାରଖଣ୍ଡ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାର ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ପ୍ରମୁଖ ଉପସ୍ଥିତ ରହିଥିଲେ।

ଉପରାଷ୍ଟ୍ରପତି ଭାବେ ଶପଥ ନେବା ପରେ ରାଧାକ୍ରିଷ୍ଣନ ସିଧା ରାଜଘାଟ ଯାଇ ମହାତ୍ମା ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଆଜିର ମୁଖ୍ୟ ଖବର

- ପୋଲାଣ୍ଡ କହିଲା: ରୁଷିଆର ଡ୍ରୋନ୍ ଅନୁପ୍ରବେଶ 'ଭୁଲ୍' ନୁହେଁ।
- ଇଣ୍ଡୋନେସିଆରେ ବନ୍ୟା – ୧୫ ମୃତ, ୧୦ ଲୋକ ନିଖୋଜ।
- ୟୁକ୍ରେନ୍-ରୁଷିଆ ଶାନ୍ତି କଥାବାର୍ତ୍ତା ବିଳମ୍ବ, କ୍ରେମଲିନ୍ ୟୁରୋପକୁ ଦୋଷ ଦେଲା।
- ବ୍ରିଟେନ୍ ଓ ୟୁରୋପୀୟ ସଂଘର ରୁଷିଆ ବିରୋଧରେ ନୂଆ ପ୍ରତିବନ୍ଧ।
- ଆଲବାନିଆରେ ବିଶ୍ୱର ପ୍ରଥମ ଦୁର୍ନୀତିବିରୋଧୀ କାର୍ଯ୍ୟରେ "ଏଆଇ ମନ୍ତ୍ରୀ" ନିଯୁକ୍ତ।
- ଜାପାନ୍: ନାଗାସାକି ବୋମାବାଜିର ୮୦ ବର୍ଷ ପୂର୍ତ୍ତିରେ ସ୍ମୃତି ଅନୁଷ୍ଠାନ, ସମ୍ରାଟ ଓ ରାଜପରିବାରଙ୍କ ଉପସ୍ଥିତି।

# ଭାରତ-ଚୀନ ଉପରେ ୧୦୦% ଶୁଳ୍କ ଲାଗୁ କର : ଜି୭ ଦେଶଙ୍କୁ କହିଲା ଆମେରିକା

**ନୂଆଦିଲ୍ଲୀ, ୧୨।୯**

ଘଡ଼ିକେ ଘଡ଼ି ନିଜର ରଙ୍ଗ ବଦଳାଉଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବୁଧବାର ଭାରତକୁ ବନ୍ଧୁ ବୋଲି କହି ଲଗାଯାଇଥିବା ଶୁଳ୍କ ଉପରେ ଆଲୋଚନା ନେଇ ପ୍ରସ୍ତାବ ଦେବା ପରେ ଏବେ ପୁଣି ୟୁଟର୍ଣ୍ଣ ନେଇଛନ୍ତି ଟ୍ରମ୍ପ। ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଋଷରୁ ତେଲ କିଣୁଥିବାରୁ ଭାରତ ଏବଂ ଚୀନ ଉପରେ ୧୦୦% ଶୁଳ୍କ ଲଗାଇବାକୁ ଜି୭ ଦେଶଗୁଡ଼ିକୁ ପ୍ରସ୍ତାବ ଦେଇଛି। ୟୁକ୍ରେନ ସହିତ ଶାନ୍ତି ଆଲୋଚନା ପାଇଁ ମସ୍କୋକୁ ବାଧ କରିବାକୁ ଆମେରିକା ଏଭଳି କରିଥିବା କୁହାଯାଉଛି।

ପ୍ରସ୍ତାବିତ ଶୁଳ୍କ ସ୍ତର ୫୦ରୁ



୧୦୦ପ୍ରତିଶତ ମଧ୍ୟରେ ରହିବ ବୋଲି କୁହାଯାଉଛି। ଜି୭(କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ ଏବଂ ଯୁକ୍ତରାଷ୍ଟ୍ର)ର ଅର୍ଥମନ୍ତ୍ରୀମାନେ ଶୁକ୍ରବାର ଭିଡିଓ କଲ୍ ମାଧ୍ୟମରେ ଏହି ପ୍ରସ୍ତାବ ଉପରେ ଆଲୋଚନା କରିବାର (ପୃଷ୍ଠା ୭ରେ)

## ଭାରତ ଆଗକୁ ବଢ଼ିଯିବ ଭାବି ଶୁଳ୍କ ଲଗାଯାଉଛି: ମୋହନ ଭାଗବତ

**ନୂଆଦିଲ୍ଲୀ, ୧୨।୯**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲଗାଯାଇଥିବା ଶୁଳ୍କ ବୋମା ଉପରେ ନିଜର ପ୍ରତିକ୍ରିୟା ଦେଇଛନ୍ତି। ନାଗପୁରରେ ଏକ କାର୍ଯ୍ୟକ୍ରମରେ ମୋହନ ଭାଗବତ ଆମେରିକାର ନାମ ନ ନେଇ କହିଛନ୍ତି ଯେ, ଭାରତ (ପୃଷ୍ଠା ୭ରେ)

# ନେପାଳ ହିଂସା: ୫୧ରେ ପହଞ୍ଚିଲା ମୃତ୍ୟୁ ସଂଖ୍ୟା, କୋହଳ ହେଉଛି କର୍ଫ୍ୟୁ

**କାଠମାଣ୍ଡୁ, ୧୨।୯**

ଏପଟେ କୋହଳ ହେଉଛି କର୍ଫ୍ୟୁ, ସେପଟେ ବଢୁଛି ମୃତ୍ୟୁ ସଂଖ୍ୟା । ନେପାଳରେ ହିଂସାରେ ବଢୁଛି ମୃତ୍ୟୁ ସଂଖ୍ୟା । ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ମୃତ୍ୟୁ ସଂଖ୍ୟା ୫୧ ଛୁଇଁଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି କି ବିଦ୍ରୋହ ଏବଂ ହିଂସା ସମୟରେ ୩୦ ଜଣଙ୍କ ମୃତ୍ୟୁ ଗୁଳିମାଡ଼ରେ ହୋଇଥିବା ବେଳେ ୨୧ ଜଣଙ୍କ ମୃତ୍ୟୁ ନିଆଁରେ ପୋଡି, ଆହତ ଏବଂ କ୍ଷତାକ୍ତ ପରେ ଚିକିତ୍ସାଧିନ ଅବସ୍ଥାରେ ହୋଇଛି।

ସେପଟେ ସେପ୍ଟେମ୍ବର ୮ ତାରିଖରେ କାଠମାଣ୍ଡୁରେ ଜଳିଥିବା ବିଦ୍ରୋହର ନିଆଁ



ଧିରେ ଧିରେ ଲିଭୁଛି । କାଠମାଣ୍ଡୁରେ ସ୍ଥିତି ସୁଧୁରୁଛି ଏବଂ ଶାନ୍ତି ଫେରୁଛି । ଯଦିଓ କର୍ଫ୍ୟୁ ଏବେବି ଜାରି ରହିଛି ମାତ୍ର କିଛି ସ୍ଥାନରେ କୋହଳ ହୋଇଛି । ସନ୍ଧ୍ୟା ୫ଟା ଯାଏଁ କର୍ଫ୍ୟୁ ଜାରି ରହୁଥିବା ବେଳେ ମାତ୍ର ୨ ଘଣ୍ଟା ପାଇଁ କୋହଳ ପରେ ପୁଣି ସନ୍ଧ୍ୟା ୭ରୁ ସକାଳ ୬ ଯାଏଁ କର୍ଫ୍ୟୁ ରହୁଛି । ହେଲେ ଅନେକ ସ୍ଥାନରେ କର୍ଫ୍ୟୁ କୋହଳ କରାଯାଇଛି । (ପୃଷ୍ଠା ୭ରେ)

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୨୮ (+୭୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୨୦୦ (+୭୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୩୪୬ (+୫୮)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୪୨ (+୨)

# ପ୍ରଫୁଲ୍ଲ ମଲ୍ଲିକ ବିଜେଡ଼ିରୁ ନିଲମ୍ବିତ

**ଭୁବନେଶ୍ୱର, ୧୨।୯**
**ନ୍ୟୁଜ୍ ବ୍ୟୁରୋ**



ବିଜେଡିରୁ ନିଲମ୍ବିତ ହେଲେ ପୂର୍ବତନ ମନ୍ତ୍ରୀ ତଥା କାମାକ୍ଷାନଗରର ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ ମଲ୍ଲିକ। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ବିଜେଡି ସଭାପତିଙ୍କ ନିର୍ଦ୍ଦେଶରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ଉପସଭାପତି ପ୍ରତାପ ଜେନାଙ୍କ ଏକ ଚିଠି ଜରିଆରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, (ପୃଷ୍ଠା ୭ରେ)

# ସୀମାନ୍ତରେ ପୁଣି ଗୁଳିବିନିମୟ : ଯବାନଙ୍କ ଗୁଳିରେ ୨ ମାଓବାଦୀ ନିପାତ

**ମାଲକାନଗିରି, ୧୨।୯ : ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ଏନକାଉଣ୍ଟର ହୋଇଛି। ଏହି ଏନକାଉଣ୍ଟରରେ ୨ ଜଣ ନକ୍ସଲ ନିପାତ ହୋଇଛନ୍ତି। ଏଥିସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା ଯେ ବିଜାପୁର ଜିଲ୍ଲାର ଦକ୍ଷିଣ ପଶ୍ଚିମ ଅଂଚଳରେ ମାଓବାଦୀ କ୍ୟାମ୍ପ କରି ରହିଛନ୍ତି। ତୁରନ୍ତ ଯବାନ ଅପରେସନ ଆରମ୍ଭ କରିଦେଇଥିଲେ। ଶୁକ୍ରବାର ସକାଳୁ ନକ୍ସଲ ସୁରକ୍ଷାକର୍ମୀଙ୍କୁ ଦେଖିବା ମାତ୍ରେ ଅତର୍କିତ ଗୁଳି ଚଳାଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଗୁଳିବିନିମୟ ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ୨ ନକ୍ସଲଙ୍କର ମୃତଦେହକୁ ଠାବ କରିବା ସହ ୩୦୩ ବନ୍ଧୁକ ସହ ବିପୁଳ ମାତ୍ରାରେ ବିସ୍ଫୋରକ ଜବତ କରିଛି।

ପ୍ରକାଶ ଥାଉକି ଗୁରୁବାର ଏନକାଉଣ୍ଟରରେ କେନ୍ଦ୍ରୀୟ କମିଟି ସଦସ୍ୟ ସମେତ ୧୦ କ୍ୟାଡର ନକ୍ସଲଙ୍କର ମୃତ୍ୟୁ ହୋଇଥିଲା, ଯାହାକି ଗରିୟାବନ୍ଧ ଅଂଚଳରେ ଏହା ଦ୍ୱିତୀୟ ବଡ ଘଟଣା। ଗତ ୭ ମାସ ତଳେ ଏହି ମେନପୁର ପାହାଡରେ ହିଁ ପୁଲିସ ଏନକାଉଣ୍ଟରରେ କେନ୍ଦ୍ରୀୟ କମିଟି ସଦସ୍ୟ ଚାଲପତି ନିହତ ହୋଇଥିଲା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କରିଥିବା ଟାର୍ଗେଟ ପାଖେଇ ଆସୁଥିବା ବେଳେ ନକ୍ସଲ ମଧ୍ୟ ମୂଳପୋଛ ହେବେ ବୋଲି କୁହାଯାଉଛି।

# ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧୨।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଆଇଏଏସ ସ୍ତରରେ ଅଦଳବଦଳ କରିଛନ୍ତି । ଶୁକ୍ରବାର ଭାରତୀୟ ପ୍ରଶାସନିକ ଅଧିକାରୀ ମାନଙ୍କୁ ଅଦଳବଦଳ କରାଯାଇଛି। ଅଧିକାରୀଙ୍କୁ ନୂଆ ଦାୟିତ୍ୱ ଦିଆଯାଇଥିବା ବେଳେ କେତେ ଜଣଙ୍କ ଦାୟିତ୍ୱରେ ପରିବର୍ତ୍ତନ କରାଯାଇଛି। ବିଜୟ ଅମୃତ କୁଲାଙ୍ଗେଙ୍କୁ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଶ୍ରୀମନ୍ଦିରର ସୁରକ୍ଷା ପାଇଁକି
ଦେଉଛ ଭାଷଣ ଧନ
ଦେଖିବା ବେଳକୁ ନିଇତି ଉଡୁଛି
ଦେଉଳ ଉପରେ ଡ୍ରୋନ
ଜଳକା ଯେ ପ୍ରଶାସନ
କଥା ବଡ ବଡ କାମ ପୁରାପୂରି
ଡବଲ ଟ୍ରିପଲ ଶୂନ୍ ।

# ବଢ଼ିଲା ଖୁଚୁରା ମୁଦ୍ରାସ୍ଫୀତି



**ନୂଆଦିଲ୍ଲୀ, ୧୨।୯**

ପୁଣିଥରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଅଗଷ୍ଟ ମାସରେ ସାମାନ୍ୟ ବୃଦ୍ଧି ପାଇଛି। ଏହାର ଅର୍ଥ ଲୋକଙ୍କୁ ପୁଣି ମହଙ୍ଗା ମାଡ଼ର ସାମ୍ନା କରିବାକୁ ପଡ଼ିପାରେ। ସରକାର ଜିଏସ୍‌ଟି ହ୍ରାସ କରିଥିବାରୁ ସେପ୍ଟେମ୍ବର ୨୨ରୁ ଏହା କାର୍ଯ୍ୟକାରୀ ହେବ। ଏହାପରେ ସମ୍ଭବତଃ ଲୋକମାନେ ଅଗଷ୍ଟରେ ସାମ୍ନା କରିଥିବା ଦରବୃଦ୍ଧିରୁ ସାମାନ୍ୟ ଆଶ୍ୱସ୍ତି ପାଇବାର ସମ୍ଭାବନା ରହିଛି। କିନ୍ତୁ ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୨.୦୭%ରେ ପହଞ୍ଚିଛି। ଜୁଲାଇ ମାସର ଖୁଚୁରା ମୁଦ୍ରାସ୍ଫୀତି ରେକର୍ଡ ୧.୫୫%କୁ ଖସି ଥିଲା। ଅଗଷ୍ଟରେ ଏହା ବୃଦ୍ଧି ପାଇବାର ଅର୍ଥ ଜୁଲାଇ ତୁଳନାରେ ବିଭିନ୍ନ ସାମଗ୍ରୀର ଦାମ ବଢ଼ିଛି।

ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିଲେ ହେଁ ଏହା ଆରବିଆଇ ଦ୍ୱାରା ଧାର୍ଯ୍ୟ ସୀମା ରେଖା ମଧ୍ୟରେ ରହିଛି। ସିପିଆଇ (ଗ୍ରାହକ ଦର ସୂଚକାଙ୍କ) ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସବୁବେଳେ ୨ରୁ ୬% ରଖିବା ଉପରେ ଗୁରୁତ୍ୱ ଦେଇଥାଏ। ଏହାଦ୍ୱାରା ଅର୍ଥନୀତି ଉପରେ ଦରମଦାର ବୃଦ୍ଧିର ପ୍ରଭାବ କମ ହୁଏ। ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିଲେ ହେଁ ଏହା ୬% ସୀମା ଠାରୁ ଯଥେଷ୍ଟ ଦୂରରେ ରହିଛି।

ବିଭିନ୍ନ ପନିପରିବା, ମାଂସ, ମାଛ, ତେଲ, ବ୍ୟକ୍ତିଗତ ସାମଗ୍ରୀ ଓ ଅଣ୍ଡାର ଦାମ ବଢ଼ିବାରୁ ଖୁଚୁରା (ପୃଷ୍ଠା ୭ରେ)

# ଲଘୁଚାପ କ୍ଷେତ୍ର ସୃଷ୍ଟି: ପ୍ରବଳ ବର୍ଷା ସମ୍ଭାବନା



**ଭୁବନେଶ୍ୱର, ୧୨।୯ : ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗର ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଘୂର୍ଣ୍ଣବଳୟ ପ୍ରଭାବରେ ଆଜି ସକାଳ ସାଢ଼େ ୮ଟା ସମୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସଂଲଗ୍ନ ଉପର ବାୟୁ ଘୂର୍ଣ୍ଣବଳୟ ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଦକ୍ଷିଣ ଆଡ଼କୁ ଘୂର୍ଣ୍ଣବଳୟ ସହିତ ବିସ୍ତାରିତ ହୋଇଛି। ଏହା ଆଗାମୀ ୨ ଦିନ ମଧ୍ୟରେ ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି।





# ମରଣଯନ୍ତା ପାଲଟିଛି ଡଭା ଜଗଦଲପୁର ରାସ୍ତା




**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଡଭା ଜଗଦଲପୁର ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇ ମରଣଯନ୍ତାରେ ପରିଣତ ହୋଇଛି । ନୀତିଦିନ ହଜାର ହଜାର ସଂଖ୍ୟାରେ ଲୋକେ ଏହି ରାସ୍ତାରେ ଯାତାୟାତ କରୁଛନ୍ତି । ଡଭାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାଜସ୍ୱ କାର୍ଯ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପ୍ୟାକ୍ସ, ବ୍ୟାଙ୍କ ତଥା ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଶହ ଶହ ସଂଖ୍ୟାରେ ଲୋକେ ଏହି ରାସ୍ତାରେ ଯିବା ଆସିବା କରୁଛନ୍ତି । ରେଳରେ ଯିବା ପାଇଁ ହେଲେ ନୂଆପଡ଼ା ଜିଲ୍ଲାର ଖରିଆର ରୋଡ଼ରେ ଥିବା ରେଳ ଷ୍ଟେସନ ହେଉଛି ଏକମାତ୍ର ଷ୍ଟେସନ, ଏହି ଷ୍ଟେସନକୁ ଡଭା ଅଞ୍ଚଳ ସହ ଛତିଶଗଡ଼ର ଲୋକେ ବ୍ୟବହାର କରୁଛନ୍ତି ହେଲେ ଏହି ଖାଲ ଖମା ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ବିଶେଷଜ୍ଞ ଡାକ୍ତର ନଥିବାରୁ ଏବଂ ନୂଆପଡା ଜିଲ୍ଲା ପାଖ ପଡୁଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରିବା ପାଇଁ ମଧ୍ୟ ଏହି ରାସ୍ତାରେ ଲୋକେ ଯାଉଛନ୍ତି । ଛତିଶଗଡ଼ର ବସନା ଓ ସରାଇପାଳି ହେଉଛି ଓଡ଼ିଶା ଏବଂ ଛତିଶଗଡ଼ର ବ୍ୟବସାୟୀ କରଣର ସମନ୍ୱୟସ୍ଥଳ । ଏଣୁ ଏହି ସହରକୁ ପ୍ରତ୍ୟହ ଶହ ଶହ ସଂଖ୍ୟାରେ ଲୋକେ ଯିବାଆସିବା କରୁଛନ୍ତି । ଏମିତି ବ୍ୟସ୍ତ ବହୁଳରେ ରାସ୍ତାର ଠିକ୍ ଭାବରେ ଠିକ୍ ସମୟରେ ମରାମତି କରାଯାଉନଥିବାରୁ ପ୍ରତ୍ୟେହ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି । ଯଥାଶୀଘ୍ର ଏହି ରାସ୍ତାର ମରାମତି ସହ ଉନ୍ନତିକରଣ ପାଇଁ ଜନସାଧାରଣରେ ଦାବି ହେଉଛି ।

# କାଞ୍ଜିଆପାଳର ଦୁଃଖ ଗେଙ୍ଗୁଟି ନଦୀର ତିନି ଏସକେପ୍

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳ ଗାଁ ପାଇଁ ଦୁଃଖର କାରଣ ସାଜିଛି ଗେଙ୍ଗୁଟି ନଦୀର ତିନି ଏସ୍କେପ୍। ଗାଁର ପଶ୍ଚିମରେ ଥିବା ପାହାଡ଼ପୁର ଗାଇଛନ୍ଦା ଏସ୍କେପ୍, ମହାପୁରୁଷ ଆଶ୍ରମ ନିକଟ ମଠ ମାହାରା ଓ ଗାଁର ପୂର୍ବ ଉତ୍ତରକୁ ଥିବା କନକେଇ ଏସ୍କେପ୍। ବନ୍ୟା ଆସିଲେ ବୈତରଣୀର ଶାଖା ନଦୀ ଗେଙ୍ଗୁଟିର ପାଣି ଏହି ତିନି ଏସ୍କେପ୍ ବାଟେ ଗାଁଭିତରକୁ ପଶିଆଏ। ଫଳରେ ଗାଁରୁ ଖଡ଼ିପଦାକୁ ସଂଯୋଗ କରୁଥିବା ରାସ୍ତା ବୁଡ଼ିଯାଏ। ଠିକ୍ ସେମିତି ଗାଇଛନ୍ଦା ଏସ୍କେପ୍ ପାଣିରେ ଆନନ୍ଦପୁର ପଞ୍ଚାୟତର ପାହାଡ଼ପୁର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଏଣୁ ଗାଁରେ ରହୁଥିବା ୨୦୦ରୁ ଅଧିକ ପରିବାରର ୧୦୦୦ରୁ ଅଧିକ ଲୋକ ଜଳବନ୍ଦୀ ହୋଇ ରହନ୍ତି। ବଢ଼ି ପାଣି ନ ଛାଡ଼ିଲା ଯାଏ ଗାଁ ଭିତରେ ରହିବାକୁ ବାଧ ହୁଅନ୍ତି। ଏମିତିକି କେହି କେହି ନିଜ ଘରୁ ପଡ଼ିଶା ଘରକୁ ବି ଯାଇପାରନ୍ତିନାହିଁ। ସ୍ୱାଧିନତା ପରଠାରୁ ଏ ଅବସ୍ଥା ଲାଗି ରହିଛି। ବର୍ଷା ଦିନେ ପାଣି ଆସିଲେ ଘର ଭିତରେ ଜାକିଜୁକି ହୋଇ ରହିବାକୁ ପଡ଼ିଥାଏ। ଆଉ ବନ୍ୟା ଚିର ସହଚର ହୋଇଥିବାରୁ ଲୋକେ ଘର କରିବାବେଳେ ପାଖରୁ ମାଟି ଖୋଳି ଡିଅ ଉପରେ ଘର କରିଥାନ୍ତି। ଏଣୁ ବନ୍ୟା ଆସିଗଲେ, ଆଉ ଜଣଙ୍କ ଘରକୁ ଯିବା କଷ୍ଟ ହୋଇପଡ଼େ। ମୋବାଇଲ ନଥିବା ଯୁଗରେ ବନ୍ୟା ବେଳେ ଗାଁ ଲୋକଙ୍କ ଅବସ୍ଥା କହିଲେ ନସରେ। ଏବେ ମୋବାଇଲ୍ ଫୋନ୍ ଆସିବା ପରେ ବାହାରକୁ ସିନା ଯାଇ ପାରୁନାହାନ୍ତି। ହେଲେ ଦୁନିଆ ସହ ସଂପର୍କ ରଖିପାରୁଛନ୍ତି। ଅସୁବିଧା ସେତେବେଳେ ହୁଏ, ଯେତେବେଳେ ବନ୍ୟା ସମୟରେ ଗାଁର କେହି ଅସୁସ୍ଥ ହୁଅନ୍ତି। ଡାକ୍ତରଖାନାକୁ ନେବା ଲାଗି କୌଣସି ସାଧନ ରହିନଥାଏ। ଫୋନ୍ ଯୋଗେ ଓଡ୍ରାଫ ହେଉ କି ଅଗ୍ନିଶମ ବିଭାଗକୁ ଡାକିଲେ ସେମାନେ ଆସି ଉଦ୍ଧାର କରିଥାନ୍ତି। ଗାଁ ଲୋକଙ୍କ ସୁବିଧା ପାଇଁ ଦୀର୍ଘ ବର୍ଷ ହେଲା ପାହାଡ଼ପୁର ଗାଇଛନ୍ଦା ଏସ୍କେପ୍ ଉପରେ ପୋଲଟିଏ କରିବାକୁ ଦାବି ହେଉଛି। ପଞ୍ଚାୟତ ବା ମୁଖ୍ୟାଳୟକୁ ଯୋଗାଯୋଗ କରିବା ସବୁବେଳେ ସମ୍ଭବ ନୁହଁ। କାରଣ କାଞ୍ଜିଆପାଳରୁ ଖଡ଼ିପଦାକୁ ଯିବା ପାଇଁ ହେଲେ ଦୁଇଟି ଏସ୍କେପର ପାଣିକୁ ଅତିକ୍ରମ କରିବାକୁ ହେବ। ରାସ୍ତା ଉଚ୍ଚା କରିଦେଲେ ବନ୍ୟା ପାଣି ନିଷ୍କାସନ ହୋଇପାରିବନାହିଁ। ଆଉ ଉଚ୍ଚା ରାସ୍ତା ପାଇଁ ଅନାବଶ୍ୟକ ଭାବେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ହେବ। କେବଳ ଗାଇଛନ୍ଦା ଉପରେ ପୋଲ ହୋଇଗଲେ ଗାଁ ଲୋକେ ପାହାଡ଼ପୁରରୁ ଭାୟା ଆନନ୍ଦପୁର ହୋଇ ଯାଜପୁର ମେଡିକାଲ୍‌କୁ ଯାଇପାରିବେ। ଛାତ୍ରଛାତ୍ରୀମାନେ ଯାଜପୁରର ରାମବାଗ ରିଜିଓନାଲ କଲେଜ, ରାମବାଗ ମହିଳା ମହାବିଦ୍ୟାଳୟ, ଯାଜପୁରର ବିରଜା ମହିଳା ମହାବିଦ୍ୟାଳୟ ଓ ନରସିଂହ ଚୌଧୁରୀ ମହାବିଦ୍ୟାଳୟକୁ ପଢ଼ିବାକୁ ଯାଇପାରିବେ। ସ୍ୱାସ୍ଥ୍ୟସେବା ପାଇପାରିବେ। ମିଳିଥିବା ସୂଚନା ଅନୁସାରେ, ଗାଇଛନ୍ଦା ଉପରେ ପୋଲ କରିବା ଲାଗି ସ୍ଥାନୀୟ ଲୋକେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିକଟରେ ଦାବି କରି ଆସିଥିଲେ। ଏହାପରେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜଳ ସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗ ପକ୍ଷରୁ ମିଳିତ ଭାବେ ସର୍ଭେ କରାଯାଇଛି। ଖୁବଶୀଘ୍ର ପୋଲ ନିର୍ମାଣ ହେବ ବୋଲି ଆଶା କରାଯାଉଛି।



## ଅକ୍ଟୋବର ୮ରେ ସମ୍ବଲପୁରରୁ ୭୭୫ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ନିମନ୍ତେ ପ୍ରସ୍ତୁତି ବୈଠକ ଏସ୍.ଏସ୍.ଏ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ଅତିରିକ୍ତ ଜିଲ୍ଲାପାଳ, ଆଶୋକ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। 'ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା' ଅନ୍ତର୍ଗତ ଏବେ ସମ୍ବଲପୁରରୁ ଅଯୋଧ୍ୟା-ବାରଣାଶୀ ଅଭିମୁଖେ ଅକ୍ଟୋବର ୮ ତାରିଖରୁ ଯାତ୍ରା ଆରମ୍ଭ ହେବ। ସମ୍ବଲପୁରରୁ ସମୁଦାୟ ୭୭୫ ଯାତ୍ରୀ ସାମିଲ ଅଛନ୍ତି ଯେଉଁମାନଙ୍କ ଯାତ୍ରା ପାଇଁ ସମ୍ବଲପୁର ଠାରେ ଆଶ୍ରୟସ୍ଥଳର ବ୍ୟବସ୍ଥା କରାଯାଇଛି। ସେଥିରେ ସମ୍ବଲପୁର ଜିଲ୍ଲାରୁ ୮୯ ଯାତ୍ରୀ ସାମିଲ ଅଟନ୍ତି। ସୂଚନା ଅନୁଯାୟୀ ଯାତ୍ରୀମାନଙ୍କ ପାଇଁ ଖାଦ୍ୟ, ପାନୀୟ, ଏବଂ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି। ସମ୍ବଲପୁରର ପାନ୍ଥନିବାସ ଠାରେ ସମ୍ବଲପୁର-୮୯, ସୁବର୍ଣ୍ଣପୁର-୫୨, ଦେଓଗଡ଼-୨୭ ଜଣ ଯାତ୍ରୀଙ୍କ ପାଇଁ, ସମ୍ବଲପୁରର ରେଲୱେ ତାଲିମ କେନ୍ଦ୍ର ଠାରେ ଅନୁଗୁଳ-୧୦୯ ଜଣ ଯାତ୍ରୀଙ୍କ ପାଇଁ, ସମ୍ବଲପୁରର ରେଲୱେ କମ୍ୟୁନିଟି ହଲ୍ ଠାରେ ଝାରସୁଗୁଡ଼ା-୫୦, ସୁନ୍ଦରଗଡ-୧୮୦, ବଲାଙ୍ଗୀର-୧୪୧ ଜଣ ଯାତ୍ରୀଙ୍କ ପାଇଁ, ସମ୍ବଲପୁରର କ୍ଷେତ୍ରରାଜପୁରରେ ସ୍ଥିତ ମାରୱାଡ଼ି ପଞ୍ଚାୟତି ଧର୍ମଶାଳା ଠାରେ ଓ ବରଗଡ-୧୨୭ ଜଣ ଯାତ୍ରୀଙ୍କ ପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି ।

### ||||||||| ଯୁଗ୍ମ ନଗରୀ ଗଣେଶ ମହୋତ୍ସବ ଉଦ୍‌ଯାପିତ |||||||||

# ମହୋତ୍ସବ ଏକତାକୁ ବାନ୍ଧିରଖେ:ବାଚସ୍ପତି

**କଟକ, ନ୍ୟୁଜ୍ ବ୍ୟୁରୋ**




ଅଗଷ୍ଟ ୨୭ତାରିଖରୁ ଐତିହାସିକ ବାଲିଯାତ୍ରା ପଡିଆରେ ୧୫ଦିନ ଧରି ଚାଲୁଥିବା ୩୨ତମ କଟକ ଭୁବନେଶ୍ୱର ଯୁଗ୍ମନଗରୀ ଗଣେଶ ମହୋତ୍ସବର ସେପ୍ଟେମ୍ବର ୧୦ ତାରିଖ ସନ୍ଧ୍ୟାରେ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବେ ରାଜ୍ୟ ଭାଜପା ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର, ଅନ୍ୟାନ୍ୟ ଅତିଥି ଭାବେ କଟକ ମେୟର ସୁବାଷ ସିଂ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ହାଇକୋର୍ଟ ବାର୍ ସଭାପତି ମନୋଜ ମିଶ୍ର, ପୂର୍ବତନ ସଭାପତି ବିଜୟ ଦାଶ, ଡାକ୍ତର ପ୍ରଦୀପ ମହାନ୍ତି, ପ୍ରଫେସର କଲ୍ଲୀମୁଲ୍ଲା, ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଶ୍ରୀମତୀ ପାଢ଼ୀ ତାଙ୍କ ଭାଷଣରେ ଯୁବବର୍ଗ ମଧ୍ୟରେ ରାଷ୍ଟ୍ରୀୟ ଚେତନା ଜାଗରଣ ପାଇଁ ଏହି ମହୋତ୍ସବ ଆୟୋଜନର ଭବ୍ୟତାକୁ ପ୍ରଶଂସା କରି କଟକର ବୈଭବମୟ ସାଂସ୍କୃତିକ, ସାମାଜିକ ତଥା ଐତିହ୍ୟ ରୌପ୍ୟ କାରିଗରୀ ବିଦ୍ୟାର ଭୂୟସୀ ଜୟଗାନ କରି ଏହି ପରମ୍ପରାକୁ ଆଗକୁ ନେବାକୁ ଆହ୍ୱାନ୍ ଦେଇଥିଲେ। ମହୋତ୍ସବ ସଭାପତି ସରୋଜ ସିଂଙ୍କ ନେତୃତ୍ୱରେ ଚାଲୁଥିବା ଏହି ଉତ୍ସବର କାର୍ଯ୍ୟକାରୀ ସଭାପତି ଲଳାଟେନ୍ଦୁ ବଡୁ ମହୋତ୍ସବରେ ସମାଜର ପ୍ରତ୍ୟେକ ବର୍ଗକୁ ସାମିଲ କରି ରକ୍ତଦାନ ଶିବିର, ସାସ୍ଥ୍ୟ ଶିବିର, ବାଣୀଜ୍ୟ ମେଳା ତଥା କଟକ ଭୁବନେଶ୍ୱରର ବହୁ ବରିଷ୍ଠ ଚିକିତ୍ସକ, ଲେଖକ, କଳାକାର, ଶିଳ୍ପୀ, ଯୁବ କ୍ଲବ ଓ ନବୋଦିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାର ସୂଚନା ଦେଇଥିଲେ। ଏଥିରେ ମହୋତ୍ସବ ଉପସଭାପତି ଗୋଲଖ ବିହାରୀ ଦାସ ଓ ପ୍ରିୟମ୍ବଦା ନାୟକ, ସାଧାରଣ ସମ୍ପାଦକ ଅଜୟ ମୁଦୁଲି ଓ ପ୍ରବୀଣ ବରାଳ, ମହାସଚିବ ନିରୋଦ ରାଉତ, ସମ୍ପାଦକ ଡ଼ଃ ଉଲ୍ଲାସ ପଣ୍ଡା, ଯୁବ ସାମୁଖ୍ୟ ସଭାପତି ଇଂ ହରିଚନ୍ଦନ ନାୟକ ଓ ସାମୁଖ୍ୟ ସମ୍ପାଦକ କୁମାର ରାଜମନ୍ୟୁ, ସାଂସ୍କୃତିକ ସମ୍ପାଦକ ରଶ୍ମି କାନୁନଗୋ, ବନ୍ଦିତା ଭଟ୍ଟାଚାର୍ଯ୍ୟ, ଡ଼ଃ ଦିଲ୍ଲୀପ ବିଶ୍ୱାଳ, ସମ୍ପାଦିକା ମଞ୍ଜୁଳା ପ୍ରଧାନ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପରିଡା, ଭିକି ଚକ୍ରବର୍ତ୍ତୀ, ସମୀର ବାରିକ, ସଞ୍ଜୟ ପରିଜା, ଗୋପୀନାଥ ଚୌଧୁରୀ, ରାକେଶ ଦଳାଇ, ସୁଦୀପ୍ତ ରାଉତରାୟ, ରାକେଶ ବେହେରା, ସୌମ୍ୟ ରଞ୍ଜନ ନାୟକ, ଅଲେଖ ନାୟକ, ସାରଦା ପଟ୍ଟନାୟକ, ଦିଶା ବରାଳ, ମଧୁ ସିଂଘି, କିରଣ ବେହେରା, ସୋମନାଥ ଖୁଣ୍ଟିଆ, ଶ୍ରୀମାଳିନୀ ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।







## ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ଥାନା, ଅଙ୍ଗନବାଡି କେନ୍ଦ୍ର, ଛତୁଆ କେନ୍ଦ୍ର ପରିଦର୍ଶନ

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ତିର୍ତ୍ତୋଲର ଥାନା, ତରଜଙ୍ଗା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ । ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ସାରଳା ରୋଡ଼ ଠାରେ ଥିବା ଆଦିକବି ସାରଳାଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ପରେ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରମାନଙ୍କୁ ଯୋଗାଉଥିବା ଛତୁଆ କେନ୍ଦ୍ର ପରିଦର୍ଶନ କରିଥିଲେ । ତିର୍ତ୍ତୋଲ ଥାନାରେ ଶିଶୁ ଓ ମହିଳା ଅଭ୍ୟର୍ଥନା ଗୃହ ଓ ଡେସ୍କ ସଠିକ୍ ଭାବେ କାର୍ଯ୍ୟ କରୁଛି ନା ନାହିଁ ତଦାରଖ କରିଥିଲେ । ଶିଶୁ ସୁରକ୍ଷା ଦିଗରେ ଥାନା ଏସ୍‌ଡ଼ିପିଓ ଚିନ୍ମୟୀ ରାଉତ ଏବଂ ଥାନା ଅଧିକାରୀ ପ୍ରଦୀପ ସେଠିଙ୍କ ଆଲୋଚନା କରିଥିଲେ । ପରେ ତରଜଙ୍ଗା ପଞ୍ଚାୟତ ବଫାପୁର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ ପିଲାମାନଙ୍କ ଗହଣରେ ଏକ ଘଣ୍ଟା ବିତାଇଥିଲେ । କୁନି କୁନି ପିଲାମାନଙ୍କୁ ସଠିକ୍ ପୋଷଣ ଜାତୀୟ ଖାଦ୍ୟ ଦିଆଯାଉଛି ନା ନାହିଁ ବୁଝିଥିଲେ । ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଖେଳଣା ଓ ଆନୁସଙ୍ଗିକ ସାମଗ୍ରୀ ରହିଛି ନା ନାହିଁ ତାହା ଦେଖିଥିଲେ । ସରପଞ୍ଚ ରିତାଞ୍ଜଳୀ ମଲ୍ଲିକ, ସିଡ଼ିପିଓ ଅଶ୍ରୁମଣୀ ସୋରେନ, ଅଙ୍ଗନବାଡି କେନ୍ଦ୍ର କର୍ମୀ କବିତା ସେଠି, ସହାୟିକା ଯଶୋଦାରାଣୀ ବେହେରା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠି, ନରେଶ ଗୋଛାୟତ, ପୂର୍ବତନ ଅଧ୍ୟକ୍ଷ ରବୀପ୍ରସନ ସାହୁ, କିଶୋରୀ ବାଳିକା ରୋଜାଲିନ ମଲ୍ଲିକ, ଶୁଭଶ୍ରୀ ଦାସ, ସୁର୍ଚିପୂର୍ଣ୍ଣା ସାହୁ, ସ୍ମୃତି ପ୍ରଜ୍ଞା ସାହୁ, ୱାର୍ଡ ସଭ୍ୟ ଭଗବାନ ସାହୁ, ମାତୃ କମିଟି ମୁଖ୍ୟ ମନୋରମା ସାହୁ, ଯାଞ୍ଚ କମିଟି ସଭ୍ୟା ହାରାମଣି ସାହୁ, ରଶ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ପରେ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରକୁ ଛତୁଆ ବିତରଣ କରୁଥିବା କନିମୁଳ ପଞ୍ଚାୟତ ଭଂସର ଗ୍ରାମର ଛତୁଆ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜେପି କର୍ମୀମାନେ ଉପସ୍ଥିତ ରହିଥିଲେ ।

## ରୋଗୀ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ ଅଲ୍ଟିମେଟ୍ ଡାକ୍ତରଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବ ଭାରତର ଅଗ୍ରଣୀ କ୍ୱାର୍ଟରନାରୀ କେୟାର ହସ୍ପିଟାଲ୍ ସମ୍ ଅଲ୍ଟିମେଟ୍ ମେଡିକେୟାର ପକ୍ଷରୁ ବୁଧବାର ନ୍ୟାସ୍‌ନାଲ୍ ମେଡିକାଲ୍ ରେକର୍ଡସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମରେ କାର୍ଯ୍ୟରତ ଡାକ୍ତର, ନର୍ସ, ପାରାମେଡିକ୍ସ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗ ଦେବା ସହ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମେଡିକାଲ୍ ରେକର୍ଡସର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମେଡିକାଲ୍ ରେକର୍ଡର କାର୍ଯ୍ୟଧାରାକୁ ଦୃଢ଼ୀଭୂତ କରିବା ସହ ଅତ୍ୟାଧୁନିକ ମାନର ରୋଗୀ ସେବା କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି ବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମେଡିକାଲ୍ ରେକର୍ଡ ମ୍ୟାନେଜମେଣ୍ଟର ଧାରା, ଅଭ୍ୟାସ ଏବଂ ସମସ୍ୟାଗୁଡ଼ିକ ସମ୍ପର୍କରେ ବୈଜ୍ଞାନିକ ପଦ୍ଧତିରେ ମଧ୍ୟ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମେଡିକାଲ୍ ରେକର୍ଡସ ବିଭାଗର ମୁଖ୍ୟ ଡାକ୍ତର ମାନସ ରଞ୍ଜନ ସେଠୀ ରୋଗୀ ସେବା କ୍ଷେତ୍ରରେ ମେଡିକାଲ୍ ରେକର୍ଡସ ମେରୁଦଣ୍ଡ ଭାବେ କାର୍ଯ୍ୟ କରେ ବୋଲି ଉଲ୍ଲେଖ କରିଥିଲେ। ସମ୍ ଅଲ୍ଟିମେଟ୍ ମେଡିକେୟାରରେ ଉନ୍ନତମାନର ରୋଗୀ ସେବା ନିମନ୍ତେ ମେଡିକାଲ୍ ରେକର୍ଡସର କାର୍ଯ୍ୟଧାରାକୁ ସୁଚାରୁରୂପେ ତୁଲାଇବା ବିଷୟରେ କର୍ତ୍ତୃପକ୍ଷ ବଦ୍ଧପରିକର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମର ଚିଫ୍ ଏଗ୍‌ଜିକ୍ୟୁଟିଭ୍ ଅଫିସର ଡକ୍ଟର ଶ୍ୱେତପଦ୍ମା ଦାଶ ଯୋଗଦେଇ ସୁରକ୍ଷିତ, ପାରଦର୍ଶୀତାପୂର୍ଣ୍ଣ ଏବଂ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ନ୍ୟାସ୍‌ନାଲ୍ ମେଡିକାଲ୍ ରେକର୍ଡସ ଦିବସ ଆବଶ୍ୟକତା ଉପରେ ଗୁରୁତ୍ୱଆରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏକ ବାର୍ତ୍ତାରେ କହିଥିଲେ ଯେ ନିର୍ଭୁଲ୍ ମେଡିକାଲ୍ ରେକର୍ଡସ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା, ଗବେଷଣା, ପ୍ରଶିକ୍ଷଣ ଏବଂ ଉତ୍କର୍ଷତାର ପ୍ରତୀକ ଅଟେ। କାର୍ଯ୍ୟକ୍ରମ ଶେଷରେ ଯୋଗଦେଇଥିବା ବ୍ୟକ୍ତିବିଶେଷ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଉତ୍କର୍ଷ ଆଣିବା ନିମନ୍ତେ ମେଡିକାଲ୍ ରେକର୍ଡସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ଶପଥ ନେଇଥିଲେ।

# 'ଅପରେସନ୍ ପ୍ରହାର':୭ ଦିନରେ ୧୧୦ ମାମଲା ରୁଜୁ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟକୁ ନିଶାମୁକ୍ତ କରିବା ତଥା ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ଓଡ଼ିଶା ପୋଲିସ ତରଫରୁ 'ଅପରେସନ୍ ପ୍ରହାର' ଆରମ୍ଭ କରାଯାଇଛି । ଗତ ୦୧ ତାରିଖରୁ ୦୭ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲା ପୋଲିସ ଏହି ଅଭିଯାନରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଚଢ଼ଉ ବେଳେ ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନ୍ ସୁଗର, କଫ୍ ସିରପ୍ ଭଳି ନିଶାଦ୍ରବ୍ୟ ଚୋରା ଚାଲାଣ ଉପରେ ରୋକ୍ ଲଗାଇବାରେ ସଫଳ ହୋଇଛି । ସମୁଦାୟ ୧୧୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୫୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି କ୍ରମରେ, ଗତ ସପ୍ତାହକ ମଧ୍ୟରେ ଗଞ୍ଜେଇ ଚୋରା ଚାଲାଣ ବିରୁଦ୍ଧରେ ୭୨ଟି ମାମଲା ରୁଜୁ କରାଯିବା ସହ ୪୮୦୮ କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ମାମଲାରେ ସମ୍ପୃକ୍ତ ଥିବା ୯୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ବ୍ରାଉନ୍ ସୁଗର ଚୋରା ଚାଲାଣ କ୍ଷେତ୍ରରେ ୨୭ଟି ମାମଲା ରୁଜୁ କରାଯାଇ ୨୩୭୪ ଗ୍ରାମ୍ ବ୍ରାଉନ୍ ସୁଗର ଜବତ ହୋଇଛି ଏବଂ ୪୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ୩୦୫୨ ବୋତଲ କଫ୍ ସିରପ୍ ଜବତ ହେବା ସହ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ୧୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏହାସହ ୧୨୯ ବିଏନ୍‌ଏନ୍‌ଏସ୍ ଅନୁଯାୟୀ ୭୦ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହା ବ୍ୟତୀତ ଚୋରା ନିଶା ଦ୍ରବ୍ୟ ଚାଲାଣ ଅଭିଯୋଗରେ ସମ୍ପୃକ୍ତି ଥିବା ୩ଟି ଦୋକାନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି।

## ଅମୀୟ ରଞ୍ଜନ ହେଲେ ପୂର୍ବାଞ୍ଚଳ ଜୋନ୍ ଯୁଗ୍ମ ସମ୍ପାଦକ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଟ୍ରକ୍ ମାଲିକ ମହାସଂଘ ନିର୍ବାଚନ ଗତ ୭ ତାରିଖ ରବିବାର ଗଞ୍ଜାମ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ, ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଥିଲା। ପୂର୍ବାଞ୍ଚଳ ଜୋନ୍ ଯୁଗ୍ମ ସମ୍ପାଦକ ଭାବେ, ଯାଜପୁର ରୋଡ ଟ୍ରକ୍ ମାଲିକ ସଂଘର ସଭାପତି ଅମୀୟ ରଞ୍ଜନ ବାରିକଙ୍କୁ ନିର୍ବିରୋଧରେ ନିର୍ବାଚିତ ଘୋଷଣା କରାଯାଇଥିବାରୁ, ଟ୍ରକ୍ ମାଲିକ ସଂଘ, ଯାଜପୁର ରୋଡର ସଭ୍ୟମାନଙ୍କ ତରଫରୁ ଅମୀୟ ରଞ୍ଜନ ବାରିକଙ୍କୁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟ ମହାସଂଘର ସମସ୍ତ ସଭ୍ୟଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

## ଆଗାମୀ କାଲିର ପଞ୍ଜିକା


**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୪।୯।୨୦୨୫, ଭାଦ୍ରବ ଦି୨୯ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୩।୩।୫୩ ଚନ୍ଦ୍ରୋଦୟ- ରାଘ ୧୧।୦୮।୧୪**


**ଅଷ୍ଟମୀ-** ରାଘ ୩।୦୬ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ଦିଘ ୮।୪୨ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ରାଘ ୮।୦୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୮।୦୪ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ବିଛା ରାଶିର । ରାଘ ୮।୦୪ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୩।୦୬ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୮ ଗତେ ଘ ୯।୪୦ ମଧ୍ୟେ । ସଂଘ ୬।୩୪ ଗତେ ରାଘ ୮।୫୬ ମଧ୍ୟେ । **ପର୍ବୋତ୍ସବ-** ମୂଳାଷ୍ଟମୀ, ଦ୍ୱିତୀୟା ଓଷା, ପୀଠଦେବୀଙ୍କ ଷୋଡ଼ଶ ଦିବସୀୟ ପୂଜାରମ୍ଭ, ପୁଅ ଜିଉନ୍ତିଆ ପର୍ବ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୩।୯।୨୦୨୫, ଭାଦ୍ରବ ଦି୨୮ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୩।୩।୪୫ ଚନ୍ଦ୍ରୋଦୟ- ରାଘ ୧୦।୦୮।୧୨**


**ଷଷ୍ଠୀ-** ପ୍ରାଘ ୭।୩୩ ଗତେ ସପ୍ତମୀ କ୍ଷୟ । **କୃତିକା ନକ୍ଷତ୍ର-** ଦିଘ ୧୦।୧୨ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ଦିଘ ୭।୩୩ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୨ ଗତେ ଘ ୧୨।୫୫ ମଧ୍ୟେ । ଦିଘ ୮।୧୦ ଗତେ ଘ ୧୦।୩୧ ମଧ୍ୟେ ।




**ମେଷ:** ଲାଗି ରହିଥିବା ବିବାଦର ସମାଧାନ ହେବ। ଭ୍ରମଣ ଯୋଗ ରହିଛି। ମହିଳାମାନେ ସଫଳତା ହାସଲ କରିବେ। ଆୟ ଯୋଗ ମଧ୍ୟ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।




**ବୃଷ:** ଶରୀର ସୁସ୍ଥ ରହିବ। ଦେହ ଓ ମନ ଭଲ ରହିବ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଘରେ ଆନନ୍ଦ ଦେଖାଦେବ। କର୍ମକ୍ଷେତ୍ରରେ ସଫଳତା ହାସଲ ହେବ। ଦେବ ଦର୍ଶନ ସହ ପୂଜା ମଧ୍ୟ କରିପାରନ୍ତି।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ। କର୍ମକ୍ଷେତ୍ରରେ ନୂତନ କର୍ମାରମ୍ଭ କରିପାରନ୍ତି। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ପିଲାମାନେ ପାଠପଢ଼ାରେ ମନଦେବେ ।




**କର୍କଟ:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ। ଅର୍ଥ ପ୍ରାପ୍ତି ହୋଇପାରେ। ବ୍ୟବସାୟରେ ଲାଭବାନ୍ ହେବେ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ବନ୍ଧୁଙ୍କ ଦର୍ଶନ ସହିତ ଖୁସି ଜମିବ ।




**ସିଂହ:** ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ। ଆୟର ପରିମାଣ ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ। ମହିଳାମାନେ ସୁଖୀ ହୋଇପାରନ୍ତି ।



**କନ୍ୟା:** ସମସ୍ତ କ୍ଷେତ୍ରରେ ବିଜୟ ହାସଲ କରିବେ। ନୂତନ କର୍ମାରମ୍ଭ ମଧ୍ୟ କରିପାରନ୍ତି। ରୋଜଗାର ମଧ୍ୟମ ଧରଣର ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ଶୁଭ ଖବର ମଧ୍ୟ ପାଇପାରନ୍ତି ।



**ତୁଳା:** ମାନସିକ ଦୁଶ୍ଚିନ୍ତାର ଅନ୍ତ ଘଟିବ। ଐଶ୍ୱର୍ଯ୍ୟ ପ୍ରାପ୍ତ ହେବେ। ଚାକିରୀ କ୍ଷେତ୍ରରେ ଲାଭବାନ୍ ହେବେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଶରୀର ସୁସ୍ଥ ରହିବ ।




**ବିଛା:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ଖର୍ଚ୍ଚର ମାତ୍ରା ଅଧିକ ହେବ। ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।



**ଧନୁ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ। ପରୋପକାର କରି ଆନନ୍ଦିତ ହେବେ। ରୋଜଗାର ଭଲ ହେବ। ଘରେ ଆନନ୍ଦ ଦେଖାଦେବ। ଦେବ ଦର୍ଶନ ସହିତ ଭ୍ରମଣ କରିବାର ସୁଯୋଗ ।



**ମକର:** ଦେହ ଭଲ ରହିବ। ଆୟ ପରିମାଣ ବଢ଼ିବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ବନ୍ଧୁ ଦର୍ଶନ ସହିତ ଆମୋଦ ପ୍ରମୋଦରେ ଦିନଟି ବିତିବ ।



**କୁମ୍ଭ:** ବ୍ୟବସାୟରେ ସଫଳତା ମିଳିବ। ମାଲିମୋକଦ୍ଦମା କ୍ଷେତ୍ରରେ ସଫଳତା ହାସଲ ହେବ। ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ। ଘରେ ସୁଖ ଶାନ୍ତି ଲାଭ ।




**ମୀନ:** ସାମାଜିକ ସ୍ତରରେ ସମ୍ମାନିତ ହେବେ। କାର୍ଯ୍ୟକ୍ଷେତ୍ରରେ ଲାଭବାନ୍ ହେବେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ମହିଳାମାନେ ସୁଖୀ ହେବେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଆୟ ଯୋଗ।




31 YEARS
ସମ୍ବାଦ କଳିକା

# ଭାରତୀୟଙ୍କ ପରିବାରରେ ଖର୍ଚ୍ଚ ବୃଦ୍ଧି

ଭାରତୀୟ ପରିବାରଗୁଡ଼ିକର ଖର୍ଚ୍ଚ ଗତ ତିନି ବର୍ଷରେ ବେଶ୍ ବଢ଼ିଛି । ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୫ରେ ଭାରତୀୟ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୫୬ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ଏହି ଖର୍ଚ୍ଚ ୩ ବର୍ଷରେ ୩୩ ପ୍ରତିଶତ ବଢ଼ିଛି । ଖର୍ଚ୍ଚରେ ସହରାଞ୍ଚଳରେ ବାସ କରୁଥିବା ପରିବାରଗୁଡ଼ିକ ଆଗରେ ଥିଲେ ମଧ୍ୟ ଗ୍ରାମୀଣ ପରିବାରଗୁଡ଼ିକର ଖର୍ଚ୍ଚ ମଧ୍ୟ ବଢୁଥିବା 'ୱାର୍ଲଡ୍‌ପ୍ୟାନେଲ୍ ବାଏ ନ୍ୟୁମରେଟର'ର ରିପୋର୍ଟରୁ ଜଣାପଡ଼ିଛି । ୨୦୨୨ରେ ଭାରତୀୟ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୪୨ ହଜାର ଟଙ୍କା ଥିଲା । ୨୦୨୫ରେ ତାହା ୫୬ ହଜାରକୁ ବୃଦ୍ଧି ପାଇଛି । ସହରରେ ବାସ କରୁଥିବା ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୨୦୨୨ ଜୁନ୍‌ରେ ୫୨,୭୧୧ ଟଙ୍କା ଥିଲା । ୨୦୨୪ ମାର୍ଚ୍ଚରେ ତାହା ୬୪,୫୮୩ ଟଙ୍କାକୁ ଏବଂ ୨୦୨୫ ମାର୍ଚ୍ଚରେ ୭୩,୫୭୯ ଟଙ୍କାକୁ ବଢ଼ିଛି । ସେହିପରି, ଗ୍ରାମୀଣ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ଯାହା ୨୦୨୨ ଜୁନ୍‌ରେ ୩୬,୧୦୪ ଟଙ୍କା ଥିଲା ତାହା ୨୦୨୫ ମାର୍ଚ୍ଚ ସୁଦ୍ଧା ୪୬,୬୨୩ ଟଙ୍କାକୁ ବୃଦ୍ଧି ପାଇଛି । ଦେଶର ୬୦୦୦ ପରିବାର, ଗୃହିଣୀମାନଙ୍କୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା । ସ୍ୱଳ୍ପ ଆୟରେ ପରିବାର ଚଳାଇବା କଷ୍ଟକର ହେଉଥିବା ଅଧିକାଂଶ ଲୋକ କହିଛନ୍ତି ।



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ-୩୬

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୫୨. ଭଗବାନଙ୍କ ଜାତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୁଁ ତା'ପରେ ତର୍କକୁ ଆଗକୁ ନେଇ କହିଲି, "ହେ ଗୁରୁଜନଦ୍ୱୟ, ଆମ୍ଭେ ଆମ୍ଭ ମତବାଦର ପ୍ରତିଷ୍ଠା ତଥା ତୁମ୍ଭ ମତାମତର ବିରୋଧାଚରଣ କରି ଅଳ୍ପ କିଛିଟା ଶାସ୍ତ୍ରରୁ ଉଦାହରଣ ଦେଇ ତର୍କ କରୁଛୁ । ବର୍ତ୍ତମାନ ପ୍ରଥମେ ଆମ୍ଭେ ଭଗବାନ ଓ ଦେବତାଙ୍କ ଜାତି ଉପରେ ଆପଣଙ୍କର ବକ୍ତବ୍ୟପାଇଁ କିଛି ପ୍ରଶ୍ନ କରୁଅଛୁ ।"

"ମୁଁ ଯାହା ଜାଣିଛି ଆମ୍ଭ ସନାତନ / ହିନ୍ଦୁ ଧର୍ମରେ ତିନି ମୁଖ୍ୟ ଦେବତା ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ଶିବ । ଆବାହମାନ କାଳରୁ ଯାହା ଲେଖା ହୋଇଛି ବା ଯାହା ପଣ୍ଡିତମାନେ କହନ୍ତି, ବ୍ରହ୍ମା ଶାସ୍ତ୍ରଜ୍ଞ ଓ ପୂଜାକର୍ମ ଆଦି କରୁଥିବାରୁ ବାହ୍ମଣ ଅଟନ୍ତି । ଏ ଚିତ୍ର ଆମ ମାନସରେ ରହିଆସିଅଛି । କିନ୍ତୁ ବିଷ୍ଣୁ ଓ ଶିବ କେଉଁ ଜାତିର ତାହା ତ ଆମ୍ଭେ ସ୍ପଷ୍ଟଭାବେ ଜାଣିପାରୁନାହୁଁ । ଉଭୟେ ରାଜା ନ ହେଲେ ମଧ୍ୟ ବଳଶାଳୀ ଯୋଦ୍ଧା, କିନ୍ତୁ ସେମାନେ କ୍ଷତ୍ରୀୟ ବୋଲି ତ କେଉଁଠାରେ ସ୍ପଷ୍ଟ ରୂପେ ପ୍ରତିପାଦିତ ହୋଇନାହିଁ । ମନେକର ସେମାନେ କ୍ଷତ୍ରୀୟ ଅଟନ୍ତି । ତେବେ ସେମାନେ ଏତେ ବଡ ଭଗବାନ ବୋଲି ତାଙ୍କଠାରୁ ଉଚ୍ଚ ଜାତିର ବ୍ୟକ୍ତିମାନେ ତାଙ୍କୁ କାହିଁକି ପୂଜା କରନ୍ତି ? ଏହା କ'ଣ ଜାତି ପ୍ରଥାର ଉଲ୍ଲଘଂନ ନୁହେଁ ?"

ମୋ'ପରେ ସୁହାସିନୀ ଲମ୍ଫ ପ୍ରଦାନ କରି ତର୍କ ପ୍ରାଙ୍ଗଣରେ ଅବତୀର୍ଣ୍ଣ ହୋଇ ବଖାଣିଲା, " ମୋ ସଖୀ ତ ମୂଳ ଭଗବାନଙ୍କ କଥା କହିଲା । ମୁଁ ବର୍ତ୍ତମାନ ବିଷ୍ଣୁଙ୍କ ଅବତାରମାନଙ୍କ ଜାତି ବିଷୟରେ ବାର୍ତ୍ତାଳାପ କରୁଛି । ହେ ମାନନୀୟ ଗୁରୁଦ୍ୱୟ, ଆମ୍ଭ ଧର୍ମରେ ଅନେକ ଅବତାରର ଉଲ୍ଲେଖ ଅଛି, କିନ୍ତୁ ମୁଖ୍ୟତଃ ଆମ୍ଭେ ଯେଉଁ ଦଶ ଅବତାର ବିଷୟ ବିଶେଷଭାବେ ଜାଣୁ ସେମାନଙ୍କ ଜାତିବର୍ଣ୍ଣ କ'ଣ ସେ ବିଷୟରେ ତୁମ୍ଭଦ୍ୱୟଙ୍କ ଆଲୋକପାତ ଅପେକ୍ଷାରେ କିଛି ବକ୍ତବ୍ୟ ଦେଉଅଛି । ମତ୍ସ୍ୟ, କଚ୍ଛପ, ବରାହ ଓ ନରସିଂହ ଅବିତାରରେ ବିଷ୍ଣୁ ତ ସ୍ୱୟଂ ଧରା ଅବତରଣ କରି ନିଜ କାର୍ଯ୍ୟ ସମାପନ କରିଥିଲେ । ତେଣୁ ସେମାନେ ବିଷ୍ଣୁଙ୍କ ଅବତାର ଭାବେ ଅଜ୍ଞାତ ଜାତିର ଅଟନ୍ତି ବୋଲି ପଣ୍ଡିତମାନେ ମନେ କରି ନେଇଥିବେ । ମୁଁ ଆଉ କିଛି କହୁନାହିଁ । କିନ୍ତୁ ପଞ୍ଚମ ଅବତାର ବାମନ ଭାବରେ ସେ ମଧ୍ୟ ସିଧା ଧରାକୁ ଆସିଯାଇଛନ୍ତି । ତାଙ୍କର ମାତାପିତା ତେଣୁ ଅଜଣା ବା କେହି ନାହାନ୍ତି । ତାଙ୍କର ଛଦ୍ମ ବା ଛଳ ବେଶ ଥିଲା ବ୍ରାହ୍ମଣ ରୂପରେ । ତେବେ ପ୍ରଭୁ ବାମନ ପ୍ରକୃତରେ ବ୍ରାହ୍ମଣ ଥିଲେ କି ବିନା ଜାତିର ଥିଲେ ତାହା ଆମ୍ଭେଦ୍ୱୟ ଶାସ୍ତ୍ରରୁ କିଛି ତଥ୍ୟ ପାଇପାରୁନାହୁଁ ? ଆମ୍ଭ ଏ ଜ୍ଞାନ ପିପାସା ଦୂର କରିବେ କି ?"

ତତ୍ପରେ ମୁଁ ଆରମ୍ଭ କଲି, "ହେ ମହାଜ୍ଞାନୀ ବରିଷ୍ଠମାନେ, ସଖୀ ପରେ ମୁଁ କହୁଛି ଷଷ୍ଠ ଅବତାର ପର୍ଶୁରାମଙ୍କ ବିଷୟରେ । ପର୍ଶୁରାମଙ୍କ ପିତାମହ ଥିଲେ ମହାମୁନି ରୁଚିକ । ସେ ନିଶ୍ଚୟ ବ୍ରାହ୍ମଣ ହୋଇଥିବେ । କିନ୍ତୁ ସେ ବିବାହ କଲେ ଜଣେ ରାଜକୁମାରୀଙ୍କୁ ଯାହାଙ୍କ ନାମଥିଲା ସତ୍ୟବତୀ । ଅତଃ ଏ ପରିଣୟ ହେଲା ବ୍ରାହ୍ମଣ କ୍ଷତ୍ରୀୟାଣୀ ମଧ୍ୟରେ । ଜନ୍ମ ହେଲା ପୁତ୍ର ଥିଲେ ଯମଦଗ୍ନୀ ଯେ କି ଭବିଷ୍ୟତରେ ଏକ ମହାମୁନୀ ଭାବେ ବିଖ୍ୟାତ ହେଲେ । ଅତଃ ସେ ନିଜକୁ ବ୍ରାହ୍ମଣ ଭାବେ ସ୍ଥାପିତ କରିପାରିଲେ । କାରଣ ତାଙ୍କ କର୍ମଥିଲା ବ୍ରାହ୍ମଣର କର୍ମ ଓ ଜନ୍ମରେ ସେ କ୍ଷତ୍ରୀୟାଣୀର ପୁତ୍ର ହେଲେ ମଧ୍ୟ ତାହା ଏ ଦିଗରେ ବାଧା ସୃଷ୍ଟି କରି ନଥିଲା । ଏହି ଯମଦଗ୍ନୀ ବିବାହ କଲେ ରେଣୁ ରାଜାଙ୍କ କନ୍ୟା ରେଣୁକାଙ୍କୁ । ପୁଣି ବ୍ରାହ୍ମଣ-କ୍ଷତ୍ରୀୟ ବିବାହ । ଏ ସବୁ କ'ଣ-ବର୍ତ୍ତମାନ ପ୍ରଚଳିତ ପରମ୍ପରାର ବିରୋଧୀ ନୁହେଁ ?"

ମୁଁ ତା'ପରେ କହିବାରେ ଆଗେଇଲି,"ହେ ଗୁରୁପ୍ରବର, ଏହି ଯମଦଗ୍ନୀ-ରେଣୁକାଙ୍କ ବିବାହରୁ ଜନ୍ମ ହେଲେ ଏକ ମହାବୀର ପୁତ୍ର ଯାହାଙ୍କ ନାମ ହେଲା ପର୍ଶୁରାମ । ତାଙ୍କର ଦୁଇପୁରୁଷରେ ଭିନ୍ନ ଜାତି ମଧ୍ୟରେ ବିବାହ ପ୍ରଚଳିତ ଥିବାରୁ ପର୍ଶୁରାମଙ୍କର ଅଧିକ କ୍ଷତ୍ରୀୟ ରକ୍ତ ଓ ନ୍ୟୂନ ମାତ୍ରାରେ ବ୍ରାହ୍ମଣ ରକ୍ତ ଥିଲା । ସେ ଯୁବକ ହେବା ସମୟରେ କିଛି କ୍ଷତ୍ରୀୟ ରାଜାଙ୍କ ଅତ୍ୟାଚାର ଦେଖି କ୍ରୋଧିତ ହୋଇ ଏକ ଫାର୍ଶା ଧରି ବାରମ୍ବାର ଧରାରୁ କ୍ଷତ୍ରୀୟ ନିଶ୍ଚିହ୍ନ କରିବାରେ ବ୍ରତୀ ହେଲେ । ତେଣୁ କର୍ମ କଲେ ସେ ମହାଯୋଦ୍ଧା କ୍ଷତ୍ରୀୟର, କିନ୍ତୁ କିପରି ସମାଜ ତାଙ୍କୁ ବ୍ରାହ୍ମଣବୀର ବୋଲି ଆଖ୍ୟା ଦେଇ ଭଗବାନ ରୂପେ ପୂଜା କଲା ? ତାଙ୍କ ରକ୍ତ ଓ କର୍ମଥିଲା କ୍ଷତ୍ରୀୟର । ସେ କିପରି ବ୍ରାହ୍ମଣ ବୋଲି ପରିଗଣିତ ହେଲେ ? ଏଥିପାଇଁ ଜାତି ପ୍ରଥା ସପକ୍ଷରେ ଶାସ୍ତ୍ରୀୟ ଯୁକ୍ତିଯୁକ୍ତ ନିୟମ ନ ଥିଲା ବୋଲି ଆମ୍ଭଙ୍କୁ ସ୍ପଷ୍ଟ ଦେଖାଯାଇଛି । ଏ ବିଷୟରେ ଆମ୍ଭ ମାନସିକ ଦ୍ୱନ୍ଦ୍ୱ ଦୂର କଲେ ଆମ୍ଭେ ଉପକୃତ ହୁଅନ୍ତୁ ।"

ମୋ' ପରେ ସୁହାସିନୀ ଆରମ୍ଭ କଲା, " ହେ ଗୁରୁବରଦ୍ୱୟ, ଏହାପରେ ମୁଁ ଆସୁଛି ସପ୍ତମ ଅବତାର ରାମଚନ୍ଦ୍ରଙ୍କ ବିଷୟକୁ । ଅଳ୍ପ କଥା କହି ଦେଉଛି ଯେ ବିଷ୍ଣୁ ରାମ ଅବତାର ନେଇ ମାନବ ରୂପରେ ପୃଥିବୀକୁ ଆସିଥିଲେ । ତାଙ୍କ ପିତାମାତା ଆଦି ଶାସନ କରୁଥିବା କ୍ଷତ୍ରୀୟ ଥିଲେ । ତେଣୁ ସେ ଜନ୍ମରେ ଓ କର୍ମରେ ମଧ୍ୟ କ୍ଷତ୍ରୀୟ ବୀର ଓ ରାଜା ଥିଲେ । କିନ୍ତୁ ସେ ଅନେକଙ୍କଠାରୁ ନିମ୍ନ ଜାତିର ଥିଲେ ମଧ୍ୟ ତାଙ୍କୁ ଭଗବାନ ରୂପରେ କାହିଁକି ଉଚ୍ଚ ଜାତି ବର୍ଣ୍ଣର ବ୍ୟକ୍ତିମାନେ ପୂଜା କରୁଥିଲେ ? ଏହା ଆଜିର ଜାତି ପ୍ରଥା ନିୟମର ବିପରୀତ ନୁହେଁ କି ?"


ସୁହାସୀ ପରେ ମୁଁ ଆସିଗଲି ବିଷ୍ଣୁଙ୍କ ଅଷ୍ଟମ ଅବତାରକୁ । କହିଲି, "ହେ ମହାଭାଗ, ଅଷ୍ଟମ ଅବତାରଙ୍କୁ ହଳଧର (ବଳରାମ)

ବୋଲି କେଉଁଠାରେ କୁହାଯାଏ । କିନ୍ତୁ ମୁଖ୍ୟତଃ ବଳରାମଙ୍କ ସାନ ଭାଇ କୃଷ୍ଣଙ୍କୁ ଏ ଅବତାର ବୋଲି କେଉଁ ସର୍ବତ୍ର ପରିଗଣିତ କରାଯାଇଥାଏ । ଏ ଦୁଇଭାଇ ଯାଦବ ବା ଗୋପାଳ ଜାତିର ଅଟନ୍ତି । ଏ ଜାତିରେ ଅନେକ ରାଜା ଓ ଯୋଦ୍ଧାଥିଲେ ମଧ୍ୟ ସାଧାରଣ ଲୋକ ଗୋପାଳନ ଓ ଗୋଚାରଣରେ ନିଜକୁ ନିୟୋଜିତ କରିଥାନ୍ତି । ସେମାନେ ମଧ୍ୟ ସ୍ଥଳ ବିଶେଷରେ କ୍ଷତ୍ରୀୟବୃତ୍ତି କରୁଥିବାରୁ ସେମାନେ ମଧ୍ୟ ଯାଦବ-କ୍ଷତ୍ରୀୟ ବା କ୍ଷତ୍ରୀୟ ଭାବେ ପରିଚିତ । ତେବେ ସେମାନେ ନିମ୍ନ ଜାତିର ହୋଇଥିବାରୁ ଶ୍ରୀକୃଷ୍ଣଙ୍କୁ କାହିଁକି ଭଗବାନ ବୋଲି ଉଚ୍ଚ ଜାତିର ବ୍ୟକ୍ତିମାନେ ପୂଜା କରିଥାନ୍ତି ?"

ସୁହାସୀର ବକ୍ତବ୍ୟ ଶେଷ ହେବାରେ ମୁଁ ମୋର ତର୍କ ଉପସ୍ଥାପନ କଲି । "ହେ ମହାଜ୍ଞାନୀ ଗୁରୁଜନ, ଭଗବାନ ବୁଦ୍ଧଙ୍କୁ ଆମେ ସନାତନ ଧର୍ମରେ ନବମ ଅବତାର ବୋଲି ପୂଜା କରିଥାଉ । ତାଙ୍କର ଅସୀମ ତ୍ୟାଗ ଓ ଗଭୀର ଜ୍ଞାନପ୍ରାପ୍ତି ସନାତନ ଧର୍ମକୁ ଦେଶବିଦେଶରେ ପ୍ରସାରିତ କରିଛି । ଯଦି ତାଙ୍କ ଜାତି ଖୋଜାଯାଏ ସେ ତ ଥିଲେ କପିଳବାସ୍ତୁର ରାଜକୁମାର ଓ ଐତିହାସିକ ପୁରୁଷ । ନିର୍ଦ୍ୱନ୍ଦରେ ସେ କ୍ଷତ୍ରୀୟ ଅଟନ୍ତି । ତେଣୁ ଉଚ୍ଚଜାତିର ବ୍ୟକ୍ତିଙ୍କ ଦ୍ୱାରା ଶ୍ରୀରାମ, ଶ୍ରୀକୃଷ୍ଣଙ୍କ ସଦୃଶ ସେ କିପରି ପୂଜନୀୟ ହେଲେ ?" ତା'ପରେ ଟିକିଏ ବିରତି ନେଇ କହିଲି, "ବିଷ୍ଣୁଙ୍କ ଦଶମ ଅବତାର କଳ୍‌କୀ ବୀର ରୂପରେ କଳିଯୁଗ ଅନ୍ତେ ଆସି ମ୍ଳେଚ୍ଛ ସଂହାର କରିବେ । ସେ ମହାବୀର ହେତୁ କ୍ଷତ୍ରୀୟ ବର୍ଣ୍ଣରେ ପରିଗଣିତ ହେବେ କି ନାହିଁ ?"

ଏତିକି ଆମ୍ଭେ ଦୁହେଁ କହି ଭଗବାନଙ୍କ ଜାତି ବିଷୟକ ତର୍କ ସମାପନ କଲୁ । ଆମ୍ଭମାନଙ୍କ ମଧ୍ୟରୁ ଜଣେ ଜଣେ କହିଲା ପରେ ପରେ ପଣ୍ଡିତଦ୍ୱୟ ଆମ୍ଭ ପ୍ରଶ୍ନର ଉତ୍ତର କଦାପି ଦେଉ ନ ଥିଲେ । କିନ୍ତୁ ସେ ବିଷୟ ପ୍ରସଂଗରେ ବା ପ୍ରସଂଗରୁ ଦୂରକୁ ଯାଇ ଆମ୍ଭ ଜ୍ଞାନ ପରୀକ୍ଷାପାଇଁ କେବଳ ଅନେକ ପ୍ରଶ୍ନ କରୁଥିଲେ, ଯାହାର ଉତ୍ତର ଆମ୍ଭେ ଉପଯୁକ୍ତ ଭାବେ ଦେଉଥିଲୁ ।

ଏହାପରେ ଅନ୍ୟ ବିଷୟବସ୍ତୁ ଉପରେ ଆମ୍ଭେ ଉଦାହରଣ ଦେବା ଆରମ୍ଭ କରିଦେଲୁ । **(କ୍ରମଶଃ)**



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

# ପୁଞ୍ଜିବାଦୀ ପ୍ରେତଙ୍କ ପ୍ରଳାପ : ବିଶ୍ୱ ବିଧ୍ୱଂସର ବିଳାପ (୧)

୨୦୦୮ ଅକ୍ଟୋବର ୧୪ ତାରିଖରେ ପାରାଦ୍ୱୀପରୁ ସୁକିନ୍ଦା ଫେରୁଥିଲି । ବାଟରେ ଗୋଟିଏ ଜଳଖିଆ ଦୋକାନ ଭିତରକୁ ପଶିଦେଖିଲି ମାଲିକ ଏବଂ ଗ୍ଲାସ ପ୍ଲେଟ ଧୋଉଥିବା ପିଲାଟି ଠାକୁରଙ୍କ ଫଟୋକୁ ଜୁହାର ହୋଇ ଗୁହାରି କରୁଛନ୍ତି - ହେ ଭଗବାନ - ଆଇରନ ଓର ଟ୍ରକ ଚଳାଇଦେ ! ପଚାରିଲି - କ'ଣ ହେଲା ଭାଇ ! ଠାକୁରଙ୍କୁ ଡାକିଲେ କ'ଣ ଟ୍ରକ ଚାଲିବ ? ମାଲିକେ କହିଲେ - ଆଜ୍ଞା ପାରାଦ୍ୱୀପକୁ ଗାଡ଼ି ଚାଲିଥିଲା ବେଳେ ଦୋକାନରେ ବିକ୍ରି ବହୁତ ହେଉଥିଲା, ଏବେ ଗାଡ଼ି ରାସ୍ତାରେ ନାହିଁ, ଦୋକାନରେ ବିକ୍ରି ଶୂନ । ଏ ଛୁଆଙ୍କୁ ଦରମା ବି ଦେଇ ହେବନି ।

୨୦୦୯ ଜାନୁୟାରୀରେ ଚାରିଆଡ଼େ ମାନ୍ଦା-ମାନ୍ଦା ମହାମାନ୍ଦା । ଗାଁର ରଇତ ଠାରୁ ଆରମ୍ଭ କରି ଆମେରିକା ରାଷ୍ଟ୍ରପତି ପର୍ଯ୍ୟନ୍ତ ସମସ୍ତେ କହୁଛନ୍ତି - ଆର୍ଥିକ ମାନ୍ଦାବସ୍ଥା; କିନ୍ତୁ ଆମେ କହୁଛୁ : ନା - ମାନ୍ଦାବସ୍ଥା ନୁହେଁ - ଏହା ଅର୍ଥନୈତିକ ଆତଙ୍କବାଦ - ମହାତଙ୍କ । ପୁଣି ସନ୍ତ୍ରାସର କୋକୁଆଭୟ । ଏ ସମସ୍ତ ସଂକଟର ମୂଳବୀଜ କେବେଠୁଁ ବୁଣାଯାଇଛି ।

ବିଶ୍ୱବିପର୍ଯ୍ୟୟ ବର୍ଷ ୨୦୦୮ ନୁହେଁ । ବହୁ ବର୍ଷରୁ ଏହି ବିପର୍ଯ୍ୟୟର ବିଷବୀଜ ବୁଣା ଯାଇଥିଲା । ଏବେ ସେହି ବିଷାକ୍ତ ଫଳ ଖାଇ ସମସ୍ତେ ବିଭ୍ରାନ୍ତ ବାତୁଳ ଭଳି ଆଚରଣ କରିବାରେ ଲାଗିପଡ଼ିଛନ୍ତି । ବିଶ୍ୱ ଅର୍ଥନୀତି ଓ ରାଜନୀତିରେ ସ୍ୱୈରତନ୍ତ୍ର ହିଁ ସବୁ ସଂକଟର ମୂଳକାରଣ । ବିଶ୍ୱର ଆର୍ଥିକସଂକଟ ଚା' ଦୋକାନର କପପ୍ଲେଟ ଧୋଇବା ପିଲା ଉପରେ ମଧ୍ୟ ପଡ଼ିଛି । ଓଡ଼ିଶାରୁ ୯୦ ଭାଗ କଂଚାମାଲ ଲୁହାପଥର ବଡ଼ବିଲ, ଯୋଡ଼ା, ଦଇତାରୀରୁ ଟ୍ରକ ଓ ଟ୍ରେନଯୋଗେ ପାରାଦ୍ୱୀପ ବନ୍ଦର ଦେଇ ଚୀନ୍‌ଦେଶକୁ ରପ୍ତାନୀ ହୁଏ । ଏଥିପାଇଁ ପ୍ରାୟ ୨୫ହଜାର ଟ୍ରକ ନିୟୋଜିତ ହୋଇଥିଲା । ଚୀନ ହଠାତ ଲୁହାପଥର କିଣିବା ବନ୍ଦ କରିଦେଲା । କାରଣ ବର୍ତ୍ତମାନ ଚୀନ୍‌ରେ ୧୫୦ ମିଲିୟନ ଟନ ଉତ୍ପାଦିତ ଇସ୍ପାତ ରହିଛି, ଯାହା ଭାରତର ବାର୍ଷିକ ଉତ୍ପାଦିତ ଇସ୍ପାତର ୩ ଗୁଣ ଏବଂ କଂଚାମାଲ ଲୁହାପଥର ପ୍ରାୟ ୧୪୦ ମିଲିୟନ ଟନ ପଡ଼ିରହିଛି ।

ଭାରତଠାରୁ ଚୀନ୍‌ରେ ବେଶି ଲୁହାପଥର ଖଣି ଅଛି । ଚୀନ କିନ୍ତୁ ତା' ନିଜ ଖଣିଖୋଳୁନାହିଁ । ଆଗାମୀ ୧୦୦ ବର୍ଷ ପାଇଁ, ଭବିଷ୍ୟତ ପିଢ଼ି ନିମିତ ସଂଚୟ କରିରଖୁଛି । ଭାରତରୁ ବିଶେଷକରି ଓଡ଼ିଶାରୁ ଚଢ଼ାଦାମ ଦେଇ ଲୁହାପଥର କିଣିନେଇ ଗଚ୍ଛିତ କରିଦେଲା ପରେ ଏବେ ଲୁହାପଥର ଦର କମାଇଲେ ମଧ୍ୟ କିଣିବାକୁ ମନା କରିଦେଇଛି । ଗଛର ଚେର ମରିମରି ଆସୁଥିବାବେଳେ ଡାଳ, ଫଳ, ପତ୍ର ବି ମରିବାକୁ ବାଧ୍ୟ । ବିଶ୍ୱ ଅର୍ଥନୀତିରେ ଭୂମିକଂପ ଆରମ୍ଭହୋଇଛି ଆମେରିକାରୁ । ବିଶ୍ୱର ଏକାଙ୍ଗଚକ୍ରବର୍ତ୍ତୀ ବୋଲାଉଥିବା ଆମେରିକା ସମଗ୍ର ବିଶ୍ୱକୁ ଶୋଷି ନିଜେ ସଂପଦ ଠୁଳ କରିବାକୁ ଲାଗିପଡ଼ିଥିଲା । ଏବେ ସେଇ ସଂପଦର ପାହାଡ଼ରେ ବିପଦର ବିସ୍ଫୋରଣ ! ଆମେରିକାର ବଡ଼ ବଡ଼ ବ୍ୟାଙ୍କମାନେ ବିନାସୁଧରେ କଂପାନୀମାନଙ୍କୁ ଋଣପ୍ରଦାନ କରି ଲାଭରୁ ସିଂହଭାଗ ନେଉଥିଲେ । ଏଣେ ଶସ୍ତା ବାହାଦୂରି ଦେଖାଇ ଲୋକଙ୍କୁ ଅପର୍ଯ୍ୟାପ୍ତ ଘର-ଗାଡ଼ି ସୌଖୀନ ପଦାର୍ଥ ପାଇଁ କରଜ ଦେଲେ । ଚାହିଦା କମିବାରୁ କାରଖାନାର କ୍ଷତି ହେଲା । ଲାଭଭାଗ ମିଳିଲା ନାହିଁ । ଆମେରିକା ଲୋକେ ଋଣ ଟଙ୍କା ଶୁଝିଲେ ନାହିଁ । ଜମାକାରୀମାନେ ଜମା ଅର୍ଥ ଉଠାଇବାକୁ ବ୍ୟାଙ୍କରେ ଟଙ୍କା ନାହିଁ । ହଠାତ ଚହଳ ପଡ଼ିଗଲା । ସରକାର ରାଜକୋଷରୁ ଅର୍ଥଯୋଗାଇ ପାରିଲେ ନାହିଁ । ପାଖାପାଖି ବଡ଼ବଡ଼ ଅନେକ ବ୍ୟାଙ୍କ ଦେବାଳିଆ ଘୋଷଣା କରାଗଲାଣି । ଆମେରିକା ଆମଦାନି କରୁଥିବା ସାମଗ୍ରୀ କମେଇଦେବାକୁ ବାଧ୍ୟ ହେଲା । ଏହାର ଭୟଙ୍କର ପ୍ରଭାବ ଆମେରିକାରୁ ଆସି ବିଶ୍ୱର ଗାଁଗହଳିରେ ପଡ଼ିବା ଆରମ୍ଭ କଲାଣି ।

ଏ ପାଖେ ଚୀନ ଆମେରିକାକୁ ଟକ୍କର ଦେବାପାଇଁ ସମଗ୍ର ବିଶ୍ୱରେ ଶସ୍ତା ସାମଗ୍ରୀର ବିପଣୀ ଖୋଲି ସମଗ୍ର ବିଶ୍ୱବଜାରରୁ ଅର୍ଥ ଟାଣି ନେଲା । ବିଭିନ୍ନଦେଶରୁ କଞ୍ଚାମାଲ ଆମଦାନୀ ହଠାତ ବନ୍ଦ କରିଦେବାରୁ ରପ୍ତାନୀ କରୁଥିବା ଦେଶସମୂହ ଭୟଙ୍କର ବିପଦର ସମ୍ମୁଖୀନ ହେଲେଣି । ଆମେରିକାର ଏକାଧିପତ୍ୟକୁ ଜାପାନ ଚୀନ ଧରାଶାୟୀ କରିଦେଲେ । ଚୀନ ଏକଦଳୀୟ ସମାଜବାଦୀ ରାଷ୍ଟ୍ର । ଏଥିପାଇଁ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରକୁ ଖାଦ୍ୟ, ବସ୍ତ୍ର, ବାସଗୃହରେ ସ୍ୱୟଂସଂପୂର୍ଣ୍ଣ କରିବା ଲକ୍ଷ୍ୟରେ ସମାଜବାଦୀ ଅର୍ଥନୀତିରେ ପୁଂଜିବାଦୀ ଅର୍ଥନୀତିକୁ ଅନୁପ୍ରବେଶ କରାଇ ଜଗତୀକରଣ ପ୍ରଭାବରେ ଚୀନ ଉତ୍ପାଦିତ ଦ୍ରବ୍ୟକୁ ସାରା ବିଶ୍ୱରେ ଶସ୍ତାରେ ବିକ୍ରି କରି ସମସ୍ତ ଦେଶର ଜନଗଣଙ୍କ କଷ୍ଟୋପାର୍ଜିତ ଅର୍ଥକୁ ନିଜ ଦେଶକୁ ବୋହିନେବାରେ ସକ୍ଷମ ହୋଇପାରିଛି ।

ଆଜି ଚୀନ ଓଡ଼ିଶା, ଭାରତରୁ ଲୁହାପଥର କିଣି ନିଜ ଦେଶରେ ଉତ୍ପାଦିତ ପଦାର୍ଥକୁ ପୁନଶ୍ଚ ଭାରତରେ ପହଞ୍ଚାଇ ଶସ୍ତା ଦରରେ ଦେଉଥିବାରୁ ଭାରତୀୟ କମ୍ପାନୀମାନେ ପ୍ରତିଯୋଗିତା କରିପାରୁନାହାଁନ୍ତି । ସେଇଭଳି ଜାପାନ ଭାରତର ସୁକିନ୍ଦା ଉପତ୍ୟକାରୁ କ୍ରୋମାଇଟ ନେଇ ନିଜ ଦେଶରେ ବିଭିନ୍ନ ପଦାର୍ଥ ଉତ୍ପାଦନ କରି ଭାରତ ତଥା ଅନ୍ୟ ଦେଶକୁ କ୍ରୋମ ତିଆରି ପଦାର୍ଥ ବିକ୍ରି କରି ଅଜସ୍ର ସମ୍ପଦ ଠୁଳ କରିପାରିଛି । ଅଥଚ କ୍ରୋମାଇଟ ଲୁହାପଥରରେ ଭରପୂର ଓଡ଼ିଶା ନିଜସ୍ୱ ପ୍ରାଚୁର୍ଯ୍ୟପୂର୍ଣ୍ଣ ପାତାଳପୁରୀର ଖଣିଜ କଞ୍ଚାମାଲକୁ ବ୍ୟବହାର କରି ନପାରି ଭୋକ ଶୋଷ, ବେକାରିରେ ବ୍ୟୁହବଦ୍ଧ ହୋଇ ଜ୍ୱାଳାଯନ୍ତ୍ରଣାରେ ଛଟପଟ ହେଉଛି । ସମସ୍ତେ ଜାଣିବା ଉଚିତ ଯେଉଁଦେଶରେ ଖଣିଜ କଞ୍ଚାମାଲ ବିଦେଶକୁ ରପ୍ତାନୀ ହୁଏ, ସେ ଦେଶର ଜନଗଣ ଅଭାଗା । ସେ ଦେଶର ସରକାର ଅଯୋଗ୍ୟ । ୯୩ ବର୍ଷ ତଳେ ୧୯୨୯ ମସିହାରେ ସମଗ୍ର ବିଶ୍ୱରେ ଆର୍ଥିକ ମହାମାନ୍ଦାବସ୍ଥା ଚାଲିଥିଲା, ସେହି ମାନ୍ଦାବସ୍ଥା ପ୍ରାୟ ୪ ବର୍ଷ କାଳ ଚାଲିଲା । ସେତେବେଳେ ବିଜ୍ଞାନର ଅଗ୍ରଗତି ବିଶେଷ ହୋଇ ନଥିଲା, ଏତେ କଳ କାରଖାନା ନ ଥିଲା ।

ପୁନଶ୍ଚ ସେ ସମୟରେ ସମଗ୍ର ବିଶ୍ୱ ଦୁଇ ଭାଗରେ ବିଭକ୍ତ ଥିଲା । ଦୁଇ କିସମର ବିଶେଷ ବଜାର ମଧ୍ୟ ଥିଲା । ସେପଟେ ଆମେରିକା ନେତୃତ୍ୱରେ ପୁଂଜିବାଦୀ ସାମ୍ରାଜ୍ୟବାଦୀ ବଜାର, ଏପଟେ ରୁଷ ନେତୃତ୍ୱରେ ସମାଜବାଦୀ ଶିବିର ଓ ବଜାର ଥିବା ଫଳରେ ତୃତୀୟ ବିଶ୍ୱ ଏବଂ ଭାରତ ସମେତ ଅନୁନ୍ନତ ଦେଶମାନେ ଉଭୟଠାରୁ ସାହାଯ୍ୟ ସହଯୋଗ ପାଉଥିଲେ । ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଲାଗି ପ୍ରାୟ ୫ ବର୍ଷ ଚାଲିଥିଲା । ତଥାପି ଅବସ୍ଥା ସୁଧୁରିବା ପାଇଁ ୨୫ ବର୍ଷ ଲାଗିଗଲା ।

୮୦ ବର୍ଷ ପରେ୨୦୦୮ ବିଶ୍ୱର ଆର୍ଥିକ ସଙ୍କଟ ୧୯୨୯ ମସିହାର ମହାମାନ୍ଦାବସ୍ଥା ଠାରୁ ୧୦ ଗୁଣ ଅଧିକ ହୋଇଗଲା । ସେହି ସମୟରେ ଅର୍ଥନୀତିଜ୍ଞ କେନସଙ୍କ ତତ୍ତ୍ୱକୁ ପୁଞ୍ଜିବାଦୀ ରାଷ୍ଟ୍ରମାନେ କାର୍ଯ୍ୟକାରୀ କରିଥିଲେ । କେନସ୍ ତତ୍ତ୍ୱର ମୂଳଭିତ୍ତି ହେଲା, ମାନ୍ଦା କାଟିବା ପାଇଁ ସାମଗ୍ରିକ ଚାହିଦା ବଢ଼ାଇବାକୁହେବ । ଏହି ଚାହିଦା ସରକାର ବଢ଼ାଇବେ, ରାଜକୋଷରୁ ବ୍ୟୟ କରିବେ । ସରକାର ଅର୍ଥ ବ୍ୟୟ କଲେ ଲୋକଙ୍କ ହାତକୁ ଟଙ୍କା ଯିବ - ଟଙ୍କା ରହିଲେ ଲୋକେ ଜିନିଷପତ୍ର କିଣିବେ । ବିନିଯୋଗ ମଧ୍ୟ ବଢ଼ିବ । ଯେକୌଣସି ଭାବେ ଲୋକଙ୍କ ରୋଜଗାର ବଢ଼ାଇ ଲୋକଙ୍କ ପକେଟକୁ ଟଙ୍କା ଆସିବା ଦରକାର । ପ୍ରୟୋଜନରେ ମାଟିଖୋଳି, ସେହି ମାଟି ଗାତରେ ଭର୍ତ୍ତି କରିବା କାମ ବି ଆଗେ ଦରକାର । ମାଟିଖୋଳି ଗାତ ପୋତିବା ଏବେ ସମ୍ଭବ ନୁହେଁ ।

ଅପର ପକ୍ଷରେ ମାର୍କ୍ସ ଏଙ୍ଗେଲ୍‌ସ୍ ତତ୍ତ୍ୱକୁ ସମାଜବାଦୀ ଶିବିର ପ୍ରୟୋଗକରି ଲୋକଙ୍କ ରୋଟି କପଡ଼ା ଔର ମକାନ, ସ୍ୱାସ୍ଥ୍ୟ ଶିକ୍ଷାର ସମାଧାନ କରି ପାରିଲେ ।

ଚାହିଦା ବଢ଼ିଲେ ଦାମ ବଢ଼େ,

ଦାମ ବଢ଼ିଲେ ଚାହିଦା କମେ ।

ଚାହିଦା କମିଲେ ଉତ୍ପାଦନ କମେ ।

ଉତ୍ପାଦନ କମିଲେ ଶ୍ରମିକ ସଂକୋଚନ ପ୍ରକ୍ରିୟା ଆରମ୍ଭ ହୁଏ ।

ଜଗତୀକରଣ ଫଳରେ ଭାରତ ଯେଉଁ ଦେଶକୁ କଞ୍ଚାମାଲଠାରୁ ଉତ୍ପାଦିତ ଦ୍ରବ୍ୟ ରପ୍ତାନୀ କରୁଥିଲା, ସେ ଦେଶର ଚାହିଦା କମିବାରୁ ଭାରତୀୟ ରପ୍ତାନୀ ବାଧାପ୍ରାପ୍ତ ହୋଇଛି । ଏବେ ଭାରତୀୟ ଅର୍ଥନୀତି ଆଭ୍ୟନ୍ତରୀଣ ଚାହିଦା ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ନୁହେଁ ।

ବିଶ୍ୱର ଏହି ଆର୍ଥିକ ମହାମାନ୍ଦାବସ୍ଥା କେତେମାସ ବା ବର୍ଷ ଲାଗିରହିବ କେହି କହିପାରୁନାହାନ୍ତି । ଏଭଳି ଅବସ୍ଥା ଅତି କମରେ କିଛି ବର୍ଷ ଚାଲିଲେ ଛୋଟ ଓ ମଝିମଝିକା ଶିଳ୍ପ ବ୍ୟବସାୟୀ ଭୀଷଣ କ୍ଷତିଗ୍ରସ୍ତ ହେବେ । ବିଶ୍ୱ ଆର୍ଥିକ ବିପର୍ଯ୍ୟୟ ଭାରତକୁ ପ୍ରଚଣ୍ଡ ଧକ୍କା ଦେଇଛି । ହଜାର ହଜାର ଲକ୍ଷଲକ୍ଷ ସଂଖ୍ୟାରେ ଶ୍ରମିକ କର୍ମଚାରୀ ଛଟେଇ, ଆୟବୃଦ୍ଧି ଭୀଷଣ ଭାବେ ବାଧାପ୍ରାପ୍ତ, ଉତ୍ପାଦନ ହଠାତ ବନ୍ଦହୋଇ ଆସୁଛି, ବଜାର ଚାହିଦା କମୁଛି । ସରକାର ଶିଳ୍ପପତିଙ୍କୁ ଗୁହାରି କରୁଛି - ଉତ୍ପାଦିତ ଦ୍ରବ୍ୟର ଦାମ କମାଅ, ଛଟେଇ ବନ୍ଦ କର, ଲୋକଙ୍କ ହାତରେ ଟଙ୍କା ଥିଲେ ବଜାର ସତେଜ ରହିବ । ପୁଞ୍ଜିପତିମାନେ ସରକାରୀ ଗୁହାରି ନଶୁଣି, ସୁଧହାର, ଉତ୍ପାଦନ ଟିକସ କମାଇବା ପାଇଁ ଦାବି କରୁଛନ୍ତି ।

ଅସଲ କଥା ହେଉଛି - ଭାରତୀୟ କାରିଗରମାନଙ୍କର କୁଶଳତାର ଅଭାବ, ସରକାରରେ ବହୁ ଆତ୍ମସ୍ୱାର୍ଥୀ ଲୋକ ଥିବାରୁ, ଦେଶର ସ୍ୱାର୍ଥ ଅର୍ଥନୀତି ଓ ପୁଞ୍ଜିର ସୁଷମ ବଣ୍ଟନକୁ ଧ୍ୟାନ ଦେଇ ନଥିବାରୁ ବିଦେଶୀ ଉତ୍ପାଦିତ ପଦାର୍ଥ ସହିତ ଭାରତୀୟ ଉତ୍ପନ୍ନ ପଦାର୍ଥ ପ୍ରତିଯୋଗିତାରେ ହାର ମାନୁଛି ।

ଭାରତର ଅର୍ଥନୀତି ଏପର୍ଯ୍ୟନ୍ତ ଭୁଲ ଗଣିତର ଧାରାରେ କଷା ହୋଇ ଆସିଛି । ଏ ଅଙ୍କକଷା କିଛି କୁଟିଳ ରାଜନୈତିକ କାରପଟଦାରମାନଙ୍କର କଳା କାର୍ସାଦି । ଯେଉଁଦିନ ଭାରତରେ ନିରନ୍ନ ଜନତା ଏ ଗଣିତ ପଛରେ ଥିବା ଆତଙ୍କକୁ ଅନ୍ତରେ ଅନ୍ତରେ ଉପଲବ୍ଧି କରିପାରିବେ, ସେଦିନ ନୂଆ ଭାରତର ନିଆରା ନକ୍ସା ପାଇଁ ଆରମ୍ଭ ହେବ କଠୋର ସଙ୍କଳ୍ପର ଦିନ । ବିଭିନ୍ନ ଦେଶର ବୈଜ୍ଞାନିକମାନେ 'ବିଗ୍‌ବ୍ୟାଙ୍ଗ୍' ପରୀକ୍ଷା କରୁଥିବା ବେଳେ ପୃଥିବୀ ଧ୍ୱଂସ ହୋଇଯିବ ବୋଲି ଖବରକାଗଜରେ ପ୍ରକାଶ ପାଇଲା ପରେ ଲୋକେ କୁକୁଡ଼ା ଛେଳି, ମେଣ୍ଢା ଗାଇ ମଇଁଷି ମାରି ଖାଇଗଲେ । ଆକଣ୍ଠ ମଦ୍ୟପାନ କଲେ । ସମସ୍ତେ କହିଲେ - ମରିବା ପୂର୍ବରୁ ମଦମାଂସ ପେଟେ ଖାଇ ଦେଇଥିବା । କିନ୍ତୁ ପୃଥିବୀ ଧ୍ୱଂସ ହେଲାନି । ଲୋକେ ଅଯଥା ଗୁଡାଏ ମଦମାଂସ ଖାଇ ହାଇପି ସାଇପି ହେଲେ । ମଝିରେ ପୁଣି ଖୁବ୍ ଜୋରରେ ପ୍ରଚାର ଚାଲିଲା ୨୦୧୨ ମସିହା ଡିସେମ୍ବର ୨୧ ତାରିଖରେ ପୃଥିବୀ ଧ୍ୱଂସ ପାଇବ !

ଅତୀତରେ 'ମାୟାସଭ୍ୟତା' ତାର କାୟାବିସ୍ତାର କରି ଦିନେ ଧ୍ୱଂସ ପାଇଥିଲା । ସେହି ସମୟର ଦୁଇ ହଜାର ବର୍ଷ ପୂର୍ବରୁ ମାୟା କ୍ୟାଲେଣ୍ଡରରେ ୨୦୧୨ ମସିହା ଡିସେମ୍ବର ୨୧ ତାରିଖରେ ପୃଥିବୀ ଧ୍ୱଂସ ପାଇବାର ସୂଚନା ଦିଆଯାଉଛିବୋଲି ପ୍ରଚାର ଚାଲିଲା । ସବୁ କୋଠାବାଡ଼ି, କଳକାରଖାନା ଭୂଗର୍ଭରେ ପଶିଯିବ - ସମୁଦ୍ର ମାଡ଼ିଆସିବ । ପୃଥିବୀରେ ଯେଉଁ ଭାଗକ ସ୍ଥଳ ଅଛି, ସେ ଜଳାର୍ଣ୍ଣବ ହେବ । ଜଳେ ଜଗତ ନାଶ ଯିବ । ଆମ ଓଡ଼ିଶାରେ ହାଡ଼ିଦାସ ମାଳିକାରେ ମଧ୍ୟ ପୃଥିବୀ ଧ୍ୱଂସର ସୂଚନା ଦିଆଯାଇଛି । କଳିଯୁଗ ଶେଷ ହେଉଛି - ସତ୍ୟଯୁଗ ଆରମ୍ଭହେବ ବୋଲି କୁହାଯାଉଛି । ବାରହାତ ଖଣ୍ଡାନେଇ 'କଲ୍‌କୀ' ଅବତାର ଆସିବେ - ଅଧର୍ମୀକୁ ନାଶି ଧର୍ମ ସଂସ୍ଥାପନ କରିବେ ।

ଏବେଠୁଁ ପୃଥିବୀ ଧ୍ୱଂସପ୍ରଚାର, ପୁଣି ବିଶ୍ୱ ଆର୍ଥିକ ଅବସ୍ଥା ମଧ୍ୟ ଧ୍ୱଂସପ୍ରବଣ । ଏହା ମଧ୍ୟ କିଛି ବର୍ଷ ଧରି ଲାଗିରହିବ ବୋଲି ସୂଚନା ମିଳୁଛି । ଲକ୍ଷ୍ୟ କରୁଛନ୍ତି ତ ଲାଭଖୋର ଲୁଟେରା ପୁଞ୍ଜିବାଦୀ ତତ୍ତ୍ୱବାଗୀଶବର୍ଗଙ୍କ ଧଳା ଉଆସଆଡୁ ଷଣ୍ଢୁଆସୀ ଷଡ଼ଯନ୍ତ୍ରର କି ଆତଙ୍କପ୍ରଦ ଶବ୍ଦବର୍ଷଣ !

ଏବେ ବିଶ୍ୱବଜାରର ବଦନାମୀ ଗଳିଠାରୁ ଆରମ୍ଭ କରି ବଡ଼ ଦାଣ୍ଡଯାଏଁ ଅବକ୍ଷୟୀ ପୁଞ୍ଜିବାଦର ଭିନ୍ନଭାଷା, ପୁଞ୍ଜିପତିମାନଙ୍କର ପ୍ରାଣମୂର୍ଚ୍ଛା ପ୍ରେତ ପ୍ରଳାପ ଆରମ୍ଭ ହୋଇଯାଇଛି । ଏକ ବିପୁଳ ଆତଙ୍କର ବିଷାକ୍ତ ବାତାବରଣ ସୃଷ୍ଟି କରି ପୁଞ୍ଜିବାଦର ପରୀକ୍ଷାଗାରରେ ମଣିଷକୁ ବନ୍ଦୀ କରିବାର ଶେଷ ହତାଶ ଷଡଯନ୍ତ୍ର ଇଏ ! ସଂପ୍ରତି ସଂବାଦପତ୍ରରେ ପ୍ରକାଶ ପାଇଛି, ଆର୍ଥିକ ମାନ୍ଦାବସ୍ଥାର ଦୂରୀକରଣ ପାଇଁ ୨ ବର୍ଷ ପାଇଁ ଯଜ୍ଞ ଆୟୋଜନ ହୋଇଥିଲା । **(କ୍ରମଶଃ...)**

ଡ଼. ମନୋଜ କୁମାର ମହାନ୍ତି
ଅଧ୍ୟାପକ,
ବି.ଏନ.ଏମ.ଏ
ମହାବିଦ୍ୟାଳୟ, ଭଦ୍ରକ
ମୋ-୮୮୯୫୩୪୧୦୩୩


# ଛୁଞ୍ଚି କହେ ଚାଲୁଣୀକୁ...

ଚୀନର ବିଶିଷ୍ଟ ଦାର୍ଶନିକ ତଥା ନୈତିକ ପ୍ରଚାରକ କନଫୁସିୟସ, ନିଜ ଦେଶର ସମସ୍ତ ଜନସାଧାରଣଙ୍କୁ ମନେ ପକାଉଥିଲେ: "ସ୍ୱପରିବର୍ତ୍ତନ ହିଁ ବିଶ୍ୱ ପରିବର୍ତ୍ତନ" । ତାଙ୍କର ଏହି ନୈତିକ ବାଣୀ ସେ ବିଶେଷକରି ଦେଶର ଶାସକଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିବାକୁ ଚାହୁଁଥିଲେ, କାରଣ ଶାସକଗୋଷ୍ଠୀଙ୍କ ଉପରେ ଦେଶର ସମସ୍ତ ଦାୟିତ୍ୱ ନିହିତ । ସମସ୍ତ ନୈତିକ ମୂଲ୍ୟବୋଧ ସହ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନାର ଗୁରୁଦାୟିତ୍ୱ ଶାସକ, ସମସ୍ତ ଉଚ୍ଚପଦସ୍ଥ ଓ ଅଧିନସ୍ତ କର୍ମଚାରୀଙ୍କ ଉପରେ ନ୍ୟସ୍ତ । କାରଣ ଦେଶର ପ୍ରଗତି ଓ ସୁରକ୍ଷାର ସମସ୍ତ ଦାୟିତ୍ୱ ସେମାନଙ୍କ ଉପରେ । ସେମାନେ ଯେଉଁଭଳି ଆଦର୍ଶରେ ନିଜକୁ ପରିଚାଳିତ କରିବେ, ଜନତା ସେଭଳି ପଥକୁ ଅନୁସରଣ କରିବେ । ଦେଶର ସ୍ଥିତି ମଧ୍ୟ ଅନୁରୂପ ହେବ । ଶାସକ ଯଦି ନୀତିଭ୍ରଷ୍ଟ ହୁଏ, ଦୁଷ୍ଚରିତ୍ରବାନ ସହ ଦୁର୍ନୀତିଖୋର ହୁଏ ତେବେ ତାହା ରାଜ୍ୟ ତଥା ପ୍ରଜାଙ୍କ ପାଇଁ ଅହିତକର ହୋଇଥାଏ । ବାସ୍ତବରେ କନଫୁସିୟସଙ୍କର ଏହି ବାଣୀ ସମଗ୍ର ମାନବଜାତି ପାଇଁ ନିତ୍ୟାନ୍ତ ଆବଶ୍ୟକ । ଏହା ସାଧାରଣ ଭାବରେ ବୁଝିଲେ ଯଦି ଆମେ ଜଗତର ପରିବର୍ତ୍ତନ ଚାହୁଁଛନ୍ତି ତେବେ ନିଜକୁ ପରିବର୍ତ୍ତନ କରିବା ଜରୁରୀ । ଅର୍ଥାତ୍ ଅନ୍ୟକୁ ଖାଲି ଦୋଷ ଦେଲେ ଚଳିବ ନାହିଁ । ଅନ୍ୟକୁ ଦୋଷ ଦେବା ପୂର୍ବରୁ ନିଜର ଦୋଷାଦୋଷକୁ ସଂଶୋଧନ କରିବା ପ୍ରତ୍ୟେକ ମଣିଷର ପ୍ରାଥମିକ ଦାୟିତ୍ୱ । ଖାଲି କନଫୁସିଅସ ନୁହଁନ୍ତି ଭାରତର ଅନେକ ବିଶିଷ୍ଟ ଜନନାୟକ, ପ୍ରବାଦ ପୁରୁଷ ଓ ଆଧ୍ୟାତ୍ମିକ ଗୁରୁ ମଧ୍ୟ କହିବା ସହ ନିଜେ ପାଳନ କରିଛନ୍ତି । ରାମକୃଷ୍ଣ ପରମହଂସଙ୍କ ଠାରୁ ଜାତିର ପିତା ମହାତ୍ମା ଗାନ୍ଧୀ ପର୍ଯ୍ୟନ୍ତ ସେଇ ଏକା ପ୍ରକାରର ନୈତିକ ଚିନ୍ତାଧାରା ଉଭୟ ବାକ୍ୟ ଓ କର୍ମରେ ଦେଖିବାକୁ ମିଳିଛି । ରାମକୃଷ୍ଣ ପରମହଂସ ଜଣେ ଶ୍ରେଷ୍ଠସାଧକ ଓ କାଳୀମା'ଙ୍କ ଉପାସକ ଭାବେ ପଶ୍ଚିମ ବଙ୍ଗରେ ବେଶ ପରିଚିତ ଥିଲେ । ସେଥିପାଇଁ ଅନେକ ଲୋକ ତାଙ୍କ ପାଖକୁ ଆସି ଉପଦେଶ ନେଇ ନିଜ ଜୀବନ ତଥା କର୍ମରେ ପ୍ରୟୋଗ କରୁଥିଲେ । ଥରେ ଜଣେ ମା ରାମକୃଷ୍ଣଙ୍କ ପାଖରେ ପହଞ୍ଚିଲେ ବାବା; ଆପଣ ତ ଅନେକ ଲୋକଙ୍କୁ ଉପଦେଶ ମାଧ୍ୟମରେ ଉଚିତ ମାର୍ଗକୁ ଆଣୁଛନ୍ତି, ମୋ ପୁଅକୁ ଟିକେ ମାର୍ଗ ଦେଖାଇଦିଅନ୍ତୁ ! ମୋ ପୁଅ ମିଠାପ୍ରିୟ । ମିଠା ଖାଇବା କିଛି ଖରାପ କଥା ନୁହେଁ, କିନ୍ତୁ ଅତ୍ୟଧିକ ଖାଇବାଦ୍ୱାରା ତା ଶରୀରରେ କୁଣ୍ଡିଆ ଓ ଦର୍ଦ୍ଦ ଭଳି ରୋଗ ଆକ୍ରମଣରେ ସେ ବାରମ୍ବାର ପୀଡ଼ିତ ହେଉଛି ଯାହା ତାର ଶାରିରୀକ ଯନ୍ତ୍ରଣା କାରଣ । ରାମକୃଷ୍ଣ ହସିଲେ ଏବଂ କହିଲେ ଠିକ୍ ଅଛି ତୁମେ ସପ୍ତାହେ ପରେ ପୁଅକୁ ମୋ ପାଖକୁ ପଠେଇବେ । ପ୍ରତିଦିନ ପୁଅ ଆସେ ରାମକୃଷ୍ଣଙ୍କୁ ଭେଟିଥାଏ, ନମସ୍କାର କରି କିଛି କଥାଶୁଣି ପୁଣି ଘରକୁ ଫେରିଯାଏ । ଏମିତି ଗୋଟେ ସପ୍ତାହ ପର୍ଯ୍ୟନ୍ତ ପିଲାଟିର ଯିବାଆସିବା ଲାଗିରହିଲା । ରାମକୃଷ୍ଣଙ୍କ ସଂସ୍ପର୍ଶରେ ଆସି ପିଲାଟିର ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଲା । କିନ୍ତୁ ଯେଉଁ ସମସ୍ୟାର ସମାଧାନ ପାଇଁ ପୁଅକୁ ରାମକୃଷ୍ଣଙ୍କ ପାଖକୁ ପଠାଯାଇଥିଲା ସେଥିରେ କୌଣସି ଉନ୍ନତି ପରିଲକ୍ଷିତ ହେଲାନାହିଁ କି ସେ ସମସ୍ୟାର ସମାଧାନ ହେଲାନାହିଁ । ସାତଦିନ ମଧ୍ୟରେ ମିଠାପ୍ରତି ପିଲାଟିର କୌଣସି ପ୍ରକାରର ଅନାଗ୍ରହ ଦେଖିବାକୁ ମିଳିଲାନାହିଁ । ମା ବ୍ୟସ୍ତ ହୋଇ ପୁନଶ୍ଚ ରାମକୃଷ୍ଣଙ୍କ ନିକଟକୁ ଗଲେ । ହାତଯୋଡି ପଚାରିଲେ ବାବା, ବିଗତ ଏକ ସପ୍ତାହ ହୋଇଗଲାଣି କିନ୍ତୁ ପୁଅର ମିଠାପ୍ରତି ଅନାଗ୍ରହ ମୁଁ କାହିଁ ଦେଖିପାରୁନାହିଁ, ଆପଣ କାହିଁକି ତାକୁ ମିଠା ଖାଇବାପାଇଁ ବାରଣ କରୁନାହାନ୍ତି । ରାମକୃଷ୍ଣ ହସିଲେ ଏବଂ ପ୍ରତ୍ୟୁତ୍ତର ଦେଲେ; ମୁଁ ନିଜେ ଏପର୍ଯ୍ୟନ୍ତ ମିଠାପ୍ରତି କୌଣସି ଅନାସକ୍ତ ଭାବ ମନରେ ଆଣି ପାରିନାହିଁ । ଯେପର୍ଯ୍ୟନ୍ତ ମୁଁ ଏହାକୁ ସମ୍ପୂର୍ଣ୍ଣ ତ୍ୟାଗ ନକରିଛି ସେପର୍ଯ୍ୟନ୍ତ ଅନ୍ୟକୁ ଉପଦେଶ ଦେବା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ । ଅନ୍ୟକୁ ନୀତିବାଣୀ ଓ ଉପଦେଶ ଦେବା ପୂର୍ବରୁ ମୁଁ ତାହା କେତେମାତ୍ରାରେ ମୋ ନିଜ ଜୀବନରେ ଓ କର୍ମକ୍ଷେତ୍ରରେ ପ୍ରୟୋଗ କରିଛି ତାହା ହିଁ ପ୍ରମୁଖ ସମସ୍ୟା । ଏ ସମାଜରେ ଉପଦେଶ ଦେବା ଲୋକ ଅନେକ କିନ୍ତୁ ସେମାନେ ସେମାନଙ୍କ ଜୀବନରେ କେତେମାତ୍ରାରେ ସେଇ ଉପଦେଶକୁ ବ୍ରତଭାବେ ପାଳନ କରନ୍ତି ତାହା ହିଁ ବାସ୍ତବିକତା । ଶିକ୍ଷାରୁ ସ୍ୱାସ୍ଥ୍ୟ, ପୁଣି କୃଷିରୁ ଶିଳ୍ପଯାଏଁ ଆମେ ଆମ କର୍ତ୍ତବ୍ୟକୁ କେତେ ସଚେତନର ସହ ପାଳନ କରୁଛେ ତାହାହିଁ ନୈତିକତାର ଆଧାରବିନ୍ଦୁ । ଉପଦେଶ ଏଠି ଶସ୍ତାରେ ମିଳେ ବୋଲି ସମସ୍ତେ ଜାଣନ୍ତି କିନ୍ତୁ ସେହି ଆଦର୍ଶକୁ ଅନୁସରଣ କରିବା କେତେଜଣଙ୍କର ନୈତିକ ଦାୟିତ୍ୱ ତାହା ଆଜିର ଦିନରେ ଆଲୋଚନାର ବିଷୟ । ଅନ୍ୟର ଦୋଷ ବାଛିବା, ତାକୁ ସମାଲୋଚନା, ଆକ୍ଷେପ ଓ ଅଭିଯୋଗ କରି ପୁନଃଶ୍ଚ ନିଜକୁ ଉକ୍ତ ମାର୍ଗରେ ପରିଚାଳନା କରିବା ସମାଜପାଇଁ କେତେ ଗ୍ରହଣୀୟ ? ଚାଲୁଣିର ବିନ୍ଧ ଗଣିବା ପୂର୍ବରୁ ଛୁଞ୍ଚି ନିଶ୍ଚିତଭାବେ ନିଜର ଅକ୍ଷମତାକୁ ଅନୁଭବ କରିବା ଦରକାର । ଅନ୍ୟ ପ୍ୟାଣ୍ଟର ତାଳିକୁ ଦେଖି ହସିବା ଓ ଆଲୋଚନା କରିବା ପରିବର୍ତ୍ତେ ନିଜ ପ୍ୟାଣ୍ଟର କଣା ଉପରେ ଦୃଷ୍ଟିନିକ୍ଷେପ କରିବା ନିତ୍ୟାନ୍ତ ଆବଶ୍ୟକ । ଗାନ୍ଧୀଜୀ ନିଜକୁ ସମୟାନୁବର୍ତ୍ତିତା କରିବାପାଇଁ ଅଣ୍ଟାରେ ଘଡି ଝୁଲେଇ ନିଜର ଗନ୍ତବ୍ୟସ୍ଥଳକୁ ଯାତାୟତ କରୁଥିଲେ । ତାଙ୍କ ସାବରମତୀ ଆଶ୍ରମରେ ନିୟମ ଅନୁସାରେ ସନ୍ଧ୍ୟା ୬ଘଟିକା ସୁଦ୍ଧା ଯିଏ ଯେଉଁଠି ଥିବ ଆସି ନିର୍ଦ୍ଧାରିତ ସମୟରେ ପହଞ୍ଚିବାକୁ ପ୍ରଚେଷ୍ଟା କରିବ । ଯଦି ପହଞ୍ଚିବାରେ କିଞ୍ଚିତ ବିଳମ୍ବ ହୁଏ ତେବେ ଫାଟକ ବାହାରେ ତାଙ୍କୁ ରହିବାକୁ ପଡ଼ିବ । ଏହାକୁ କଡ଼ାକଡ଼ି ସମ୍ପୂର୍ଣ୍ଣଭାବେ ପାଳନ କରିବାକୁ ସମସ୍ତ କର୍ମକର୍ତ୍ତାଙ୍କୁ ସଚେତନ କରାଗଲା । ଏହା ମଧ୍ୟ ପାଳନ ହେଲା । ଦିନେ ଗାନ୍ଧୀ ତାଙ୍କର କୌଣସି କାମରେ ବାହାରକୁ ଯାଇ ଫେରିବାରେ କିଛି ସମୟ ବିଳମ୍ବରେ ଫାଟକ ପାଖରେ ପହଞ୍ଚି ଦେଖିଲେ ଯେ ନିର୍ଦ୍ଧାରିତ ସମୟ ଅନୁସାରେ ଫାଟକରେ ଚାବି ପଡ଼ିଛି । ଏହା ଦେଖି ସେ ଅତ୍ୟନ୍ତ ଖୁସି ଅନୁଭବ କଲେ ଏବଂ କାହାକୁ କିଛି ନକହି ଫାଟକ ବାହାରେ ସେ ସାରାରାତି ବିନା ଦ୍ୱିଧାରେ କଟାଇଥିଲେ ।

କିନ୍ତୁ କାହିଁକି କେଜାଣି ଭାରତର ସାଧାରଣ ଜନତାଙ୍କ ଚିନ୍ତାଧାରା ଓ କାର୍ଯ୍ୟକଳାପ ଏହାର ସମ୍ପୂର୍ଣ୍ଣ ବିପରୀତ । ଏଠି ସତ୍ୟ ପଥେ, ଧର୍ମ ପଥେ, ନ୍ୟାୟ ପଥରେ ପଥିକ ହେବାପାଇଁ ପ୍ରତିଦିନ ପ୍ରାଥନା ଆବୃତ୍ତି କରୁଥିବା ଲୋକମାନେ ମିଛ, ଅଧର୍ମ ଓ ଅନ୍ୟାୟକୁ ନିଜର ହାତବାରିଶ କରି ସାରିଛନ୍ତି । ଆଗରେ ହରିହରି ପଛରେ ନାରୀଚୋରୀ ଆମର ନୈତିକତା ପାଲଟିଯାଇଛି । ଦୁର୍ନୀତି, ଶଠତା, ଦାୟିତ୍ୱହୀନତା, ଲମ୍ପଟତା, ଆଳାସ୍ୟତା, ଆଶାନ୍ତ ବାତାବରଣ ସୃଷ୍ଟିକରିବାରେ ଆମେ ବହୁତ ଆଗରେ । ଶେଷରେ ଆସି ଲମ୍ବାଧାଡ଼ି ମଝିରେ ଧସେଇ ପଶି କାମ ହାସଲ କରିବା ଆମର ଜନ୍ମଗତ ଅଧିକାର ଭାବନ୍ତି । ସବୁବେଳେ ଅଳ୍ପ ବିନିଯୋଗରେ ଅଧିକ ଲାଭରେ ଲାଗିଥାନ୍ତି । ଭୁଲ୍ କରି ତାର ପ୍ରାୟଶ୍ଚିତ ନକରି ବରଂ ତାକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟାକରି ସଫଳ ହୁଅନ୍ତି । ପଡୋଶୀକୁ ବଳକା ରନ୍ଧାଖାଦ୍ୟ ଦେଇ ଯେମିତ ନିଜର ବଡ଼ପଣିଆକୁ ଦେଖାନ୍ତି । ମନ୍ଦିର ପ୍ରବେଶ ଦ୍ୱାରରେ ବସିଥିବା ଭିକାରୀଙ୍କୁ ଟଙ୍କେ ଦି ଟଙ୍କା ଦେଇ ନିଜକୁ ଦାନୀ ବୋଲି ମନେକରିବା । ନିଜ ପିନ୍ଧାଲୁଗା ପରିଧାନ ଫାଟିଚିରି ପୁରୁଣା ହେଲାପରେ ନିଜ ଘରଅଳିଆ ମୁକ୍ତ କରିବାବାପାଇଁ କାହାକୁ ଦେବା କେଉଁ ମାନବିକତାର ପରିଚୟ । ଯଦି ଦେବାର ଅଛି ଖଣ୍ଡେ ନୂଆବସ୍ତ୍ର ଦାନ କରାଯାଉ । ଏଠି ଶହେରୁ ଅନେଶତ ଲୋକ ଅନ୍ୟ ଉପରେ ପ୍ରତିକ୍ଷେତ୍ରରେ ଦୋଷ ଲଦିବାରେ ବ୍ୟସ୍ତ । ସ୍ୱଚ୍ଛଭାରତ ଅଭିଯାନର ମୁଖ୍ୟଲକ୍ଷ୍ୟ ଥିଲା ଦେଶର କୋଣଅନୁକୋଣରୁ ଅଳିଆ ଆବର୍ଜନାମୁକ୍ତ ରଖିବା । ରାସ୍ତାଘାଟ, ନଦୀନାଳ, ଚିକିତ୍ସାଳୟ, ରେଳଷ୍ଟେସନ୍, ବସଷ୍ଟାଣ୍ଡ, ଆଦିକୁ ସଫାସୁତୁରା ରଖିବାର ଦାୟିତ୍ୱ ଆମ ସମସ୍ତଙ୍କର । ରାସ୍ତାର ଦୁଇପାର୍ଶ୍ୱରେ ମଳମୂତ୍ର ତ୍ୟାଗ, ସରକାର କାର୍ଯ୍ୟାଳୟରେ କାନ୍ଥବାଡ଼ରେ ପାନଗୁଟଖା ଛେପ, ଶୌଚାଳୟରେ ମଳମୂତ୍ର ତ୍ୟାଗକରି ତାକୁ ଅପରିଷ୍କାର ଅସ୍ୱଚ୍ଛ ଛାଡ଼ିଦେଇଯିବା ଏହା ମଣିଷର ନା ପଶୁର କାମ ? ସରକାର କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଚପରାସିଠାରୁ କିରାଣୀ ଓ ଅନ୍ୟାନ୍ୟ ଅଧିକାରୀବୃନ୍ଦ ବିନା ହାତଗୁଞ୍ଜାରେ ଫାଇଲ୍ ଏ ଟେବୁଲ୍‌ରୁ ଆର ଟେବୁଲକୁ ଆଗଉ ନାହାନ୍ତି । ସେମାନଙ୍କୁ ସହଯୋଗ କରୁଛନ୍ତି ଆମେ । ଦୁର୍ନୀତିକୁ ରୋକିବ କିଏ ବରଂ ତାହା ବଢ଼ିବଢ଼ି ଚାଲିଛି । ଆମେ ସମସ୍ତେ ସୁବିଧା ଗଳିରାସ୍ତା ଖୋଜୁଛନ୍ତି । କଳେବଳେ କୌଶଳେ ଖସିଗଲେ ହେଲା । ଆମ କାମ ହେଇଗଲେ ହେଲା । ପୁଣି ସେଇ ଗଳାବାଟରେ ପଥିକ ହେବା ପାଇଁ ଅନ୍ୟକୁ ଉପଦେଶ ଦିଅନ୍ତି । କେବେ କାହାକୁ ସୁବୁଦ୍ଧି ଦେବା ପୂର୍ବରୁ ନିଜ ଭିତରେ ଥିବା କୁବୁଦ୍ଧିକୁ ତ୍ୟାଗ କରାଯାଉ । ନିଜ କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟାଇବାକୁ କେହି ଇଚ୍ଛାକରୁନି କାରଣ ବନ୍ଧୁକର ବୋଝ କିଏ ସହିବ ? ନିଜକୁ ଦୋଷମୁକ୍ତ କରିବା ଆଳରେ ଆଳସ୍ୟ, ଅନ୍ୟାୟ ଓ ଅନୀତିକୁ ପ୍ରଶ୍ରୟ ଦେଉନାହାଁନ୍ତି ତ ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଉପହାର



ପ୍ରଭାତ କୁମାର ମହାପାତ୍ର



ଆଜି ବୈଭବ ଏବଂ ପଦ୍ମାଙ୍କ ବିବାହକୁ ପଚିଶ ବର୍ଷ ପୁରିଲା । ପ୍ରତ୍ୟେକ ବାର୍ଷିକୀରେ ସେମାନେ ପିଲାମାନଙ୍କ ସହିତ ଖାଇବାକୁ ବାହାରକୁ ଯାଉଥିଲେ । ଏଥର ପଚିଶତମ ବାର୍ଷିକୀ ଥିଲା, ପିଲାମାନେ କହିଲେ, ଏଥର କିଛି ସ୍ୱତନ୍ତ୍ର କରିବା ଉଚିତ, ବୈଭବ କହିଲେ ଠିକ୍ ଅଛି ଏହା ସ୍ୱତନ୍ତ୍ର ହେବ କିନ୍ତୁ ଆମେ ଘରେ ପାଳନ କରିବା। ପଦ୍ମା ମଧ ରାଜି ହୋଇଗଲେ। କ'ଣ ପ୍ରସ୍ତୁତ ହେବ ତାହା ପଦ୍ମାଙ୍କ ଉପରେ ଛାଡି ଦିଆଗଲା..। ବୈଭବ ତାଙ୍କ ବ୍ୟାଙ୍କ ଡ୍ୟୁଟିକୁ ଯିବା ସମୟରେ ପଦ୍ମାକୁ କହିଲେ ଯଦି କିଛି ଦରକାର ହୁଏ, ତେବେ ଫୋନ୍‌ରେ କହିବ.. ମୁଁ ଫେରିବା ସମୟରେ ନେଇଆସିବି।

ସନ୍ଧ୍ୟାରେ ଯେତେବେଳେ ବୈଭବ ବ୍ୟାଙ୍କରୁ ଫେରିଲେ.. ଦେଖିଲେ, ପିଲାମାନେ ଘରକୁ ଖୁବ୍ ସୁନ୍ଦର ଭାବରେ ସାଜସଜ୍ଜା କରିଛନ୍ତି ଏବଂ ପଦ୍ମା ମଧ ସମସ୍ତ ପ୍ରସ୍ତୁତି ସାରିଛନ୍ତି। ବୈଭବ କେବେ କେକ୍ କାଟିବାକୁ ପସନ୍ଦ କରୁନଥିଲେ ତଥା ପିଲାମାନଙ୍କ ଜନ୍ମଦିନରେ ମଧ କେବେ କେକ୍ କାଟୁନଥିଲେ। ତେଣୁ ପଦ୍ମା ସ୍ୱତନ୍ତ୍ର ଭାବରେ ଘିଅ ସହିତ ଅଟା ହାଲ୍ୱା ପ୍ରସ୍ତୁତ କରିଥିଲେ ଯାହା ବୈଭବଙ୍କୁ ବହୁତ ପସନ୍ଦ ଆସିଥିଲା । ଘରେ ଯେତେବେଳେ କୌଣସି ଶୁଭ କାମ ହେଉଥିଲା, ପଦ୍ମା ନିଶ୍ଚିତ ଭାବରେ ଘିଅ ସହିତ ଅଟା ହାଲୱା ପ୍ରସ୍ତୁତ କରୁଥିଲେ ଏବଂ ଭଗବାନଙ୍କୁ ଅର୍ପଣ କରିବା ପରେ ତାହାକୁ ପ୍ରସାଦ ଭାବରେ ଗ୍ରହଣ କରୁଥିଲେ । ସମସ୍ତେ ଅପେକ୍ଷା କରି ଚାହିଁ ରହିଥିଲେ ଯେ ଏବେ କ'ଣ ବିଶେଷ ଘଟଣା ଘଟିବାକୁ ଯାଉଛି !

ବୈଭବ ହାତ ମୁହଁ ଧୋଇ ସାରି ତିନି ପିଲାଙ୍କ ସାଙ୍ଗରେ ପୂଜା ଘରେ ବସିଲେ। ପଦ୍ମା ପୂଜା ପାଠ ଅତ୍ୟନ୍ତ ନିଷ୍ଠାର ସହ କରି ଭଗବାନଙ୍କ ଆଶୀର୍ବାଦ ନେଲେ। ପିଲାମାନେ ଜାଣିବାକୁ ଆଗ୍ରହୀ ଥିଲେ ଯେ ସେମାନଙ୍କର ପଚିଶତମ ବାର୍ଷିକୀରେ ମା, ବାପାଙ୍କ ଠାରୁ କ'ଣ ଉପହାର ପାଇବେ । ଯଦିଓ ପଦ୍ମା କେବେ ଉପହାର ମାଗିନଥିଲେ, ଯେତେବେଳେ କେହି ଉପହାର ଆଣନ୍ତି, ସେ କହୁଥିଲେ ଯେ ଏତେ ଖର୍ଚ୍ଚ କରିବାର କଣ ଆବଶ୍ୟକତା ଅଛି, କିନ୍ତୁ ଏଥର ସେ ମଧ ଆଗ୍ରହୀ ଥିଲେ। ଶେଷରେ ବୈଭବ ପଦ୍ମା ଏବଂ ପିଲାମାନଙ୍କୁ ଆଖି ବନ୍ଦ କରିବାକୁ କହିଲେ। ପଦ୍ମା ଏକ ଚେୟାରରେ ବସିଥିଲେ, ତେଣୁ ସେ ମଧ ଆଖି ବନ୍ଦ କରିଦେଲେ। ବୈଭବ ତାଙ୍କ ଅଫିସ୍ ବ୍ୟାଗରୁ ଏକ ବାକ୍ସ ବାହାର କରି ପଦ୍ମାଙ୍କ ହାତରେ ରଖି କହିଲେ, 'ଏବେ ସମସ୍ତେ ଆଖି ଖୋଲ'। ପଦ୍ମା ବାକ୍ସଟି ଖୋଲିବା ପରେ ଦେଖିଲେ ସେଥିରେ ଚାରୋଟି ସୁନ୍ଦର ସୁନା ଚୁଡ଼ି ଥିଲା।

ହଠାତ୍... ପଦ୍ମାଙ୍କ ଆଖିରୁ କେତେବେଳେ ଅଜାଣତରେ ଲୁହ ଗଡ଼ି ଚାଲିଥିଲା। ସେ ନିଜେବି ଜାଣିପାରିନଥିଲେ । ଏହା କଣ ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ । ବୈଭବ ମଧ ଭାବ ବିହ୍ୱଳ ହୋଇ କହିଲେ, ଏହା କିଛି ନୁହେଁ, ଆଜି ମୁଁ ତୁମର ପଚିଶ ବର୍ଷ ପୂର୍ବର ଋଣ ଟିକିଏ ସୁଧ ସହିତ ପରିଶୋଧ କରିବାକୁ ଚେଷ୍ଟା କରିଛି । ସେତେବେଳେ ତୁମେ ଦୁଇଟି ସୁନା ଚୁଡ଼ି ଦେଇ ମୋ ପ୍ରତି ଯେଉଁ ବିଶ୍ୱାସ ଦେଖାଇଥିଲ, ଆଜି ମୁଁ ଚାରୋଟି ସୁନା ଚୁଡ଼ି ଦେଇ ସେହି ବିଶ୍ୱାସ ପୂରଣ କରିବାକୁ ଚାହୁଁଛି। ତିନୋଟି ପିଲା ଶୁଣୁଥିଲେ କିନ୍ତୁ ସେମାନେ ବୁଝିପାରୁନଥିଲେ ଯେ ଆଜି ଏହା କି ପ୍ରକାରର ଋଣ ପରିଶୋଧ !! କିନ୍ତୁ ପଚିଶ ବର୍ଷର ପୁରୁଣା ଘଟଣା ପଦ୍ମାଙ୍କ ଆଖି ଆଗରେ ଚଳଚ୍ଚିତ୍ର ପରି ଝଲସି ଉଠିଲା । ବୈଭବ ଏବଂ ପଦ୍ମାଙ୍କ ବିବାହ ହେବାର ମାତ୍ର ଦୁଇ ମାସ ହୋଇଯାଇଥିଲା। ବୈଭବ ଏକ ବ୍ୟାଙ୍କରେ କ୍ୟାସିୟର ଭାବରେ କାମ କରୁଥିଲେ। ଦୁହେଁ ପରସ୍ପର ସହିତ ନୂତନ ଜୀବନରେ ପାଦ ପରେ ପାଦ ଆଗକୁ ବଢ଼ି ଚାଲିଥିଲେ। ଯଦିଓ ସେମାନଙ୍କର ଆୟ ସୀମିତ ଥିଲା, କିନ୍ତୁ ପ୍ରେମ ଭଲ ପାଇବା ଏବଂ ବୁଝାମଣାର କୌଣସି ଅଭାବ ନଥିଲା। ଦିନେ ବୈଭବ ଘରକୁ ଫେରିବା ସମୟ ରାତି ଆଠଟା ବାଜିଯାଇଥିଲା । ଘରକୁ ଆସିଲା ବେଳକୁ ତାଙ୍କ ମୁଖ ମଣ୍ଡଳ ମଳିନ ପଡ଼ିଯାଇଥିଲା ଏବଂ ସେ ବହୁତ ବିରକ୍ତ ହେବା ଭଳି ଜଣାପଡୁଥିଲେ। ଏହା ଦେଖି ପଦ୍ମା ଚିନ୍ତିତ ହୋଇଗଲେ କାରଣ ସେ କେବେ ବୈଭବଙ୍କୁ ଏତେ ବିରକ୍ତି ହେବା ଦେଖି ନଥିଲେ। ସେ ପାଣି ଗ୍ଲାସ୍ ଆଣି ପଚାରିଲେ, ଆଜି ତୁମେ ଏତେ ଡେରି କାହିଁକି କଲ, ତୁମେ ବିରକ୍ତ ମଧ ଦେଖାଯାଉଛ, ସବୁକିଛି ଠିକ୍ ଠାକ୍ ଅଛି, ନା ନାହିଁ ? ବୈଭବ ପାଣି ପିଇ ଗ୍ଲାସ୍ ଫେରାଇ ଦେଲେ କିନ୍ତୁ କିଛି କହିଲେ ନାହିଁ। ପଦ୍ମା ବୈଭବଙ୍କ କାନ୍ଧରେ ହାତ ରଖି ପଚାରିଲେ, କଣ ହେଲା, କହୁନ କାହିଁକି ? ଆରେ କିଛି ତ କୁହ...

ସେ ଏକ ଦୀର୍ଘ ନିଶ୍ୱାସ ନେଇ କହିଲେ, ଶୁଣିବା ପରେ ତୁମେ କ'ଣ କରିପାରିବ, ଆଜି ମୋର ବହୁତ କ୍ଷତି ହୋଇଛି। କ୍ଷତି...କିପରି କ୍ଷତି ? ପଦ୍ମା ଆଶ୍ଚର୍ଯ୍ୟ ହୋଇ ପଚାରିଲେ।

ଆଜି ମୋ କ୍ୟାସ୍‌ରୁ ପାଞ୍ଚ ହଜାର ଟଙ୍କା କମିଗଲା। ମୁଁ ଅନ୍ୟ ମନସ୍କରେ କାହାକୁ ଅତିରିକ୍ତ ଟଙ୍କା ଦେଇଦେଇଛି। ମୁଁ ସମସ୍ତଙ୍କୁ ପଚାରିଲି କିନ୍ତୁ କେହି କିଛି କହିଲେ ନାହିଁ। ସେ ସମୟରେ ବୈଭବଙ୍କ ମାସିକ ଦରମା ଦୁଇ ହଜାରରୁ ବି କମ୍ ଥିଲା ଏବଂ ଦରମା କଟିବା ପରେ ସେ ଦେଢ଼ ହଜାର ଟଙ୍କା ପାଉଥିଲେ। ଏପରି ପରିସ୍ଥିତିରେ, ସେ ପାଞ୍ଚ ହଜାର ଟଙ୍କାର ଋଣ କିପରି ପରିଶୋଧ କରିବେ ସେ ବିଷୟରେ ଚିନ୍ତା କରି କରି ତାଙ୍କ ମୁଣ୍ଡ ପ୍ରବଳ ବ୍ୟଥା ହେଉଥିଲା।

ପଦ୍ମା କହିଲେ ଚିନ୍ତା କଲେ କିଛି ହେବନାହିଁ, ଭଗବାନ ସବୁ ଠିକ୍ କରିଦେବେ। ବୈଭବ ବିଶ୍ରାମ ପାଇଁ ଶୋଇବାକୁ ଗଲେ ଅଥଚ ସାରା ରାତି ଶୋଇ ପାରିଲେ ନାହିଁ। ସକାଳେ, ଯେତେବେଳେ ସେ ଉଠି ସବୁଦିନ ପରି ବ୍ୟାଙ୍କକୁ ଯିବା ପାଇଁ ପ୍ରସ୍ତୁତ ହେଲେ, ପଦ୍ମା କହିଲେ ଟିକେ ଅପେକ୍ଷା କର ଏବଂ ସେ ଚୁପ୍‌ଚାପ୍ ତାଙ୍କ ଆଲମାରି ପାଖକୁ ଯାଇ ଦୁଇଟି ସୁନା ଚୁଡ଼ି ବାହାର କରି ବୈଭବଙ୍କ ହାତରେ ଥୋଇଦେଲେ।

ବୈଭବ ସୁନା ଚୁଡ଼ି ଦେଖି ପୁରା ଆଶ୍ଚର୍ଯ୍ୟ ...। ଏ କଣ କରୁଛ ତୁମେ ? କିଛି ବୁଝି ପାରୁଛ ତ ତୁମେ...

ପଦ୍ମା ହସି ହସି କହିଲେ ଏହି ସମୟରେ ଏହା ଅତ୍ୟନ୍ତ ଆବଶ୍ୟକ, ସେଗୁଡ଼ିକୁ ବିକ୍ରୟ କରି ଋଣ ପରିଶୋଧ କରି ଦିଅ। ଆଉ ସବୁକିଛି ଠିକ୍ ହୋଇଯିବ। ବ୍ୟସ୍ତ ହେବ ନାହିଁ...

ବୈଭବଙ୍କ ଆଖି ଲୁହରେ ଭରିଗଲା। ସେ ଚାହିଁଲେ ମଧ ମନା କରିପାରିଲେ ନାହିଁ। ଚୁଡ଼ିର ବାକ୍ସଟିକୁ ନେଇ ସେ କହିଲେ ଦିନେ ନା ଦିନେ ମୁଁ ତୁମର ଏହି ଋଣ ସୁଧ ସହିତ ପରିଶୋଧ କରିବି...

ପଦ୍ମାକୁ ଭାବନା ରାଜ୍ୟରେ ହଜିଯାଇଥିବା ଦେଖି, ବୈଭବ ତାଙ୍କୁ ହଲାଇ ପଚାରିଲେ, ତୁମକୁ କ'ଣ ଉପହାର ପସନ୍ଦ ଆସିଲା ନାହିଁ ? ପଦ୍ମାଙ୍କ ଆଖିରେ ଆଖିଏ ଲୁହ .. । ସେ କହିଲେ, ମୁଁ ସେଦିନ କହିଥିଲି ଏବଂ ଆଜି ମଧ କହୁଛି ତୁମେ ହିଁ ମୋର ସବୁକିଛି... ତୁମ ଆଗରେ ଏହି ଜିନିଷଗୁଡ଼ିକର ମୋ ପାଇଁ କୌଣସି ମୂଲ୍ୟ ନାହିଁ। ଯେତେବେଳେ ପିଲାମାନେ ସମ୍ପୂର୍ଣ୍ଣ ଘଟଣା ବୁଝିପାରିଲେ, ସେମାନେ ମଧ ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ ଏହି ଘଟଣା ବିଷୟରେ ଜାଣିନଥିଲେ କାରଣ ଏହି ବିଷୟ ଆଜି ପୂର୍ବରୁ କେବେ କୁହାଯାଇନଥିଲା। ତିନିଜଣ ସବୁ ଶୁଣି ତାଙ୍କ ମାଆଙ୍କୁ କୁଣ୍ଢେଇ ପକାଇ କହିଲେ ଆଜି ଆମେ ତୁମମାନଙ୍କ ପାଇଁ ଗର୍ବିତ....

**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ**
**ମୋ-୭୮୯୪୦୦୫୪୫୫**

# ସକଳ ଘଟେ ଜଗନ୍ନାଥ



ପ୍ରଶାନ୍ତ କୁମାର ନାୟକ

ଆହେ ନିଳାଦ୍ରିଶ ମୁକୁନ୍ଦ ମୁରାରୀ
ରଖ ସାଧୁଜନେ ଆହେ ଚକ୍ରଧାରୀ,
ସକଳ ଘଟରେ ଜୀବ ସ୍ୱରୂପରେ
ବିରାଜିଛ ପୁଣି ନିର୍ଜୀବ ପିଣ୍ଡରେ।।

ଅପରୂପ ଅଲୌକିକ ତୁମ ଦିବ୍ୟରୂପ
ଦର୍ଶନ ଲଭିଲେ ହୁଏ କ୍ଷୟ ସବୁପାପ,
ପାତାଳେ ବଳୀକୁ ଚାପିଲ ତବ ଶ୍ରୀପୟରେ
ଉଦ୍ଧାରିଲ ମହାବାହୁ ବାମନ ରୂପରେ।।

ମେଦିନି ଧାରଣ କରି ତବ ଶ୍ରୀପୟରେ
ଧନ୍ୟକଲ କୃପାସିନ୍ଧୁ ବରାହ ରୂପରେ,
ପର୍ଶୁରାମ ରୂପଧରି ଏ ଧରା ଧାମରେ
ସଂହାରିଲ ଦୁଷ୍ଟ ପ୍ରଭୁ ତୁମରି ପର୍ଶୁରେ।।

ରାମ ଅବତାରେ ପୁଣି ରାବଣ ବିନାଶୀ
ସକଳ ଘଟେ ବିରାଜିଛ ଆହେ ଅବିନାଶୀ,
କଳିଯୁଗେ ସତ୍ୟବନ୍ଧା ଅସତ୍ୟ ଦୁଆରେ
ଧର୍ମ ଆଜି କାନ୍ଦେ ପ୍ରଭୁ ତବ ଶ୍ରୀପୟରେ।।

ପାପୀର ପାପ ସବୁ ଧୋଇ ଦିଅ ପ୍ରଭୁ
ଦିଅ ସର୍ବେ ସଦ୍‌ବୁଦ୍ଧି,
ନଷ୍ଟ ହେଇଯାଉ ଯେତେଦୁଃଖ ସବୁ
ପୁଣ୍ୟ ହେଉ ସଦା ବୃଦ୍ଧି।।

ଜଗତ କରତା କାଳିଆ ସାଆନ୍ତ
ଭକତର ଭକ୍ତିରେ ଥାଅ,
ତୁମ ଶ୍ରୀ ଚରଣେ ପଶିଲି ଶରଣ
ଦୁଃଖ କ୍ଲେଶ ଦୂର କର।।

ପତିତପାବନ ତୁମେ ଉଡ଼ାଉଛ
ପତିତ ଉଦ୍ଧାର ପାଇଁ,
ଦାସିଆ ଅର୍ପିତ ଶ୍ରୀଫଳକୁ ତୁମେ
ନେଲ ହେ ହାତ ବଢ଼େଇ।।

ବାରମାସେ ତେର ପର୍ବେ ମହାବାହୁ
ଘୋଷ ଯାତ୍ରା ତୁମ ଶ୍ରେଷ୍ଠ,
ଥରେ ଟାଣି ଦେଲେ ତୁମ ନନ୍ଦିଘୋଷ
କ୍ଷୟ ହୁଏ ଦୁଃଖ କଷ୍ଟ।।

ଏତିକି ବିନତି ଶ୍ରୀ ଛାମୁରେ ପ୍ରଭୁ
ଶଙ୍କ ଆଡୁଆଳେ ରଖିବ,
ଜଗତ କରତା ପରମ ଈଶ୍ୱର
ଏ ଦାସକୁ କେବେ ନଭୁଲିବ।।

**ୟୁନିଟ୍-୫, ଭୁବନେଶ୍ୱର-୧**
**ଫୋନ୍-୮୨୪୯୭୫୦୪୧୪**

# ପ୍ରେମ...

**ମୂଳ ହିନ୍ଦୀ-ଆକୃତି ବିଜ୍ଞା 'ଅର୍ପଣ'**
**ଅନୁବାଦ-ମନୋଜ କୁମାର ବେହେରା**

ସବୁଠୁ ସୁନ୍ଦର ଥିଲା ସେହି ଦିନ
ଯେଉଁ ଚବିଶ ଚବିଶ ଘଣ୍ଟା
ତୁମର ଚିନ୍ତାରେ କଟେ..
କେତେ ଶାନ୍ତିରେ ଭରିଥିଲା
ସେ ସବୁ ଗତି ବିଧିର
ଯାହା କେବଳ ତୁମଠି ଯୋଡି ହୋଇଥିଲା
ଯେମିତି କୌଣସି ଏକ ନଦୀ
ଲହଡି ପରି ଲହଡି ଯାତ୍ରାର ସହିତ
ଯେମିତ ଛାଡି ପାରିବନି ଜଳର ସହିତ
ଏହା ଅନୁଭବ କଲି ମୁଁ
କୌଣସି ନଦୀରୁ ମୁଁ
ପାଣିରୁ ତୁମେ..
ନଦୀର ଯାତ୍ରାରେ ମିଶି ଚାଲିଥାଏ
ଆଉ ଯୋଡି ହୋଇଥାଏ ଜଳ
ଭରିଥାଏ ଜଳ..
ବାଷ୍ପିତ ହୋଇଥାଏ ଜଳ
ଲହଡି ଉଠିଥାଏ ନଦୀରେ
ସୁଖି ଥାଏ ମଧ୍ୟ ଏହି ନଦୀ।



ଚାଲ କହୁଛି କି କହ ତୁ ନଦୀ
ପାଣି କ'ଣ ନିଜକୁ ନିଜେ ଚାଲି ଆସୁଛି
ଯେମିତି ନିଜକୁ ନିଜେ କହୁଥାଏ ଶାନ୍ତି
ମନରେ ସ୍ୱଷ୍ଟ ପୃଥକ ତୁମର ଛବି
କୌଣସି ଫିଲ୍ମରେ ଶୁଣିଥିଲି
ସୁନ୍ଦର ସ୍ମୃତିର ସାହାରାରେ
କାଟି ହେବ ପୁରା ଜୀବନ
ଏହା ଏତେ ସତ୍ୟ ଅଟେ ଯେମିତି
ଶ୍ୱାସ ଚାଲିଲେ ଜୀବନ ଚାଲିଥାଏ।
ନିଜର ଅବସାଦ କ୍ଷଣରେ
ଯେବେ ଥକିକରି ମୁଁ ଆଖି ବୁଜିଦେଲି
ଭାବିଲି ତୁମକୁ..
ତା'ପରେ ବିଶ୍ୱାସ କର ମୋର ବୟସ
ପଚିଶ ବର୍ଷରୁ ହେଇଗଲା ପାଞ୍ଚକୁ
ଅବସାଦର ଜାଗାରେ
ମୁଁ ବୁଣିବାକୁ ଲାଗିଲି କାହାଣୀ
କୁହ କୋଉ ଗଛ ତଳେ ବସି ।
ଫୋନ୍‌ରେ ଦେଖୁଥାଏ ତୁମର କଣ୍ଟାକ୍ଟ ନମ୍ବର
ଚେହେରାରେ ଖେଳିଯାଏ ଶାନ୍ତି
ପ୍ରକୃତରେ ପ୍ରେମରୁ ବଡ କୌଣସି ଦର୍ଶନ ନାହିଁ
ପ୍ରେମ ବିନା ଜୀବନର ପୂର୍ଣ୍ଣତା ନାହିଁ
ପ୍ରେମ ଉପରେ ପୁରା-ପୁରା
କିଛି କୁହାଯାଇ ପାରିବ ନାହିଁ
ଚିରନ୍ତନ ଅଟେ ପ୍ରେମରୁ କିଛି ବି ଛୁଟେ ନାହିଁ ।

**ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨**
**ଫୋନ୍-୭୯୭୮୮୩୦୬୧୧**

# ଭିଜା ପତ୍ର

**ବିଜୟଲକ୍ଷ୍ମୀ ପାଣିଗ୍ରାହି**



ମୁଁ ଜାଣେ ମେଘରତୁ ଫେରିବା ଯାଏଁ
ତୁ ଆସୁଥିବୁ
ଝରକା ସେପାଖେ ପାଉଁଜି ବାଡ଼ାଇ ନାଚୁଥିବୁ
ଅଝଟ ହେଉଥିବୁ
କାକୁତି କରୁଥିବୁ କୋଳାହଳ ଭିତରେ।
ଅଥଚ ମୋ କବାଟ ସେମିତି ବନ୍ଦ ଥିବ
ଭିତରେ ଆହତ ମୟୂରୀଟିଏ ମୁଁ
ରାତିର ବାହାନା କରି
ସମାଜର ବେଢ଼ି ଦେଖାଇ
ମୁଁ ପ୍ରମାଣ ଦେଉଥିବି
ନିଜକୁ ନିର୍ଦ୍ଦୟୀ ବୋଲି।

ତୁ କିନ୍ତୁ
ରାତି ତମାମ ଗୁଣୁଗୁଣାଇବୁ
ମୋ ଅପେକ୍ଷାରେ
ପରଦିନ ମୋ କବାଟ ଖୋଲିବା ବେଳକୁ
ସକାଳର ପାଟଳ ପର୍ଦ୍ଦାରେ
ବିଛେଇ ଦେଇଥିବୁ
ଦିସ୍ତା ଦିସ୍ତା ସବୁଜ ଫର୍ଦ୍ଦରେ
ତୋ ସ୍ୱର୍ଣ୍ଣାକ୍ଷର
ଖରାଖାଉଥିବେ
ପ୍ରେମ ଆଉ ଆବେଗଭରା
ରାତିର ଭିଜାପତ୍ର
ଗଛଲତା ନଈ ଆଉ ପାହାଡ଼ ଛାତିରେ।

**ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ**
**ମୋ-୮୨୪୯୪୫୦୦୫୦**

# ଭାଇ

**ଡ଼ ସୀତାକାନ୍ତ ତ୍ରିପାଠୀ**

ଆଜି ଭାଇ କଥା ଭାରି ମନେପଡ଼େ
ଆଉ ତାର କିଛି ସ୍ମୃତି, ଅନୁଭୂତି ଆଉ ଭଲ ପାଇବାର ସ୍ୱର ।
ଏକ ରକ୍ତ ଦୁଇ ଧାର ହୋଇ ବହିବାରେ ଥାଇପାରେ
କିଛି ବେଦନା କିନ୍ତୁ ଦିନେ ଏକ ହୋଇ ଯାଇଥିଲା ସେଇ ଦୁଇ ଧାର।
ତା ପାଖରେ ସିନା ଧନ ନଥିଲା କିନ୍ତୁ ବଡ଼ ଥିଲା
ମନ ଆଉ ହୃଦୟକୁ ବୁଝିବାର ନୀରବ ସାଧନ।
ତାକୁ କିଏ ଡ଼ାକୁ ବା ନ ଡାକୁ ପହଞ୍ଚୁଥିଲା ତାଙ୍କ
ବେଳ ଅବେଳରେ, ଜୀବେ ଦୟା ଆଉ ପରିବେଶ ଥିଲା ତା ଜୀବନର ବ୍ରତ ।
ଜୀବନର ହାରଜିତ୍‌ର ହିସାବ କିତାବ ନଥିଲା ତା ପାଖରେ
କାରଣ ଧର୍ମ- ଅଧର୍ମର ବିଚାର କଣ ହୋଇପାରେ ଆଇନର କାଠ ଗଡାରେ !
ସୁଗନ୍ଧ ବାଣ୍ଟିବାର ଆନନ୍ଦକୁ ଉପଭୋଗ କରିବା ପାଇଁ
ଖୁବ୍ କମ୍ ସମୟ ଥିଲା ବୋଧେ ତା ପାଖରେ।
ସମୟ ବଡ଼ ବଳବାନ ଆଉ ନିଷ୍ଠୁର ସତେ
ନହେଲେ ଅବେଳରେ କଣ ବୃନ୍ତଚ୍ୟୁତ ହୋଇଥାନ୍ତା ଫୁଲ !
ଫୁଲ ଫୁଟେ ଆଉ ମଉଳି ଯାଏ ତାର ହିସାବ କଣ କିଏ ରଖେ !
ପ୍ରକୃତିପ୍ରେମୀଙ୍କ ପାଇଁ ସିଏ କିନ୍ତୁ ଅମୂଲ ମୂଲ ।
ତୋ ମୂଲ୍ୟ ବୁଝିବା ଆଗରୁ ଝଡ଼ିଗଲୁ, କେବେ କଣ
ବୁଝିଲୁ ନା ଜାଣିଲୁ ତୋ ଝଡିଯିବାରେ କେତେ ଦୁଃଖ ଆଉ ଅବସୋସ।
ଦୁଃଖ ସୁଖ ଛାଡି ଚାଲିଗଲୁ ଅଫେରା
ରାଇଜକୁ ଯେଉଁଠିକୁ ନା ଯାଇ ହେବ ନା ଦେଖି ହେବ
ତୋର ଅମର ଆତ୍ମାକୁ ନା ଶୁଣି ହେବ ତାର ସ୍ୱର।



**ଅର୍ଣ୍ଣପାଳ, ଭଦ୍ରକ**
**ମୋ-୯୭୭୮୭୬୪୩୯୪**

# ମୁଁ କାଶତଣ୍ଡି ହେବି...!

**ଚନ୍ଦନ କୁମାର ଦାସ**

ଆକାଶର ପରସ୍ତ ପରସ୍ତ
ଦୁଃଖକୁ ଚିରି
କାଗଜ ଡଙ୍ଗା କରି ଭସାଇବି
ତା ସଜଳ ଆଖିର କଜଳ ନେଇ
ଆଙ୍କିଦେବି ବିଲ, ବଣ, ପାହାଡ଼ର
ଅଛିଣ୍ଡା ପ୍ରତିଛବି
ମୁଁ କାଶତଣ୍ଡି ହେବି....

ଚିର ମୁକୁଳା ଅଙ୍ଗର ଅଗଣାରେ
ଧଳାରଙ୍ଗ ବୋଳି
ହସର ହସ୍ତାକ୍ଷର ଲେଖିବି
ଅଲିଭା ଆଶାର ନଦୀଟିଏ ହୋଇ
ଲୁହର କଳଙ୍କ ଧୋଇବି
ହଁ, ମୁଁ କାଶତଣ୍ଡି ହେବି....

ଶରତର ସାଇତା ସ୍ୱପ୍ନରେ
ଡେଣାଟିଏ ଯୋଡ଼ି
ଦିଗନ୍ତ ସେପାଖେ ଉଡ଼ିବି
ସେନେହର ଶିଶିରରେ ଭିଜି
ମାଟିର ବାସ୍ନାରେ ହଜିବି
ମୁଁ କାଶତଣ୍ଡି ହେବି....

ମମତାର ଆର୍ଦ୍ର ଆଖିରେ
ମଡୁଆଳାପଣ ନେଇ
ମାଆଙ୍କ ପରଶ ଖୋଜିବି
ଶୁଭ୍ର ହେଉ ତବ ସବୁଜ ପୃଥିବୀ
ଏତକ ଆଶିଷ ମାଗିବି
ମୁଁ କାଶତଣ୍ଡି ହେବି
ହଁ, ମୁଁ କାଶତଣ୍ଡି ହେବି....

**ଭୋଗରାଇ, ବାଲେଶ୍ୱର**
**ମୋ-୮୧୧୪୩୪୫୯୮୮**

# କେରଳି ବଧୂର ଗଭା ଗଜରାରୁ

**ହରିଶ୍ଚନ୍ଦ୍ର ବେହେରା**

କେରଳି ବଧୂର ଗଭା ଗଜରାରୁ
ମହକ ଚୋରେଇ ମୌସୁମୀ ଆସେ
ପବନେ ଖେଳଇ ମୁକୁଳ ଗନ୍ଧ
ଭିଜା ଭିଜା ମାଟି ସୁଗନ୍ଧ ଭାସେ ।୦।

କେଦାରେ କେଦାରେ ଚାଷୀର ସଂଗୀତ
ପାଦପେ ପାଦପେ ବିହଙ୍ଗ ଗୀତି
ପଲ୍ଲୀ ଲଳନା ରଜ ଦୋଳି ଖେଳେ
ଡାକୁଛି ଆସ ମୋ ବଉଳ ସାଥି
ଝରି ଝରି ପଡ଼େ ରଜର ପରାଗ
ସାରା ଗାଁ ଆଜି ଆନନ୍ଦେ ଭାସେ ।
୧।

ପରାଣ ବଧୂ ମୋ ଅନେଇ ରହିଛି
କେଉଁ ପ୍ରିୟତମ ଆସିବେ ଆଜି
ହୃଦୟ କୁଞ୍ଜକୁ ସଜେଇ ଦେଇଛି
ବରବଧୂ ବେଶେ ହୋଇଛି ସାଜି
ଆକାଶେ ଉଇଁଛି ପୂନେଇର ଜହ୍ନ
ଯିବ ଅଭିସାରୀ ବେଶେ । ୨।

ଝରା ଶେଫାଳିର ରାତି ସରି ଆସେ
ନିଭି ନିଭି ଆସେ ବାସର ଦୀପ
ପାଖରେ କେଉଁଠି ବଇଁଶୀ ବାଜୁଛି
ମହ ମହ ବାସେ ଅଗୁରୁ ଧୂପ
ରାତି ଉଜାଗରେ ପରାଣ ବଧୂ ମୋ
ଚାହିଁଛି ତା'ବାଟ ମୁକୁଳା କେଶେ। ୩।

**କଲ୍ୟାଣ ନଗର, ବାଲେଶ୍ୱର-୧**
**ମୋ-୯୪୩୭୮୧୩୭୦୮**



# ପ୍ରେମର କେତୋଟି ସ୍କେଚ୍

**ଶରତ କୁମାର ଦାସ**



ପରସ୍ତ ପରସ୍ତ ଉଆଁସ ଅନ୍ଧାର ପଛରେ
ପ୍ରେମ ଏକ ଚିହ୍ନାଚିହ୍ନା ତୋଫା ଜହ୍ନରାତି ।
ପବନର ସୁଅ କାଟି ଆଗକୁ ପହଁରିଯିବାର
ଏକ ଅଫୁରନ୍ତ ଶକ୍ତି ।
ପୁଣି ପ୍ରେମ ପରା ସୋରିଷ ଫୁଲର କ୍ଷେତରେ
ଲହଡ଼ି ଭାଙ୍ଗୁଥିବା ସୁନେଲୀ କିରଣର
ମିଠାମାଠା କଅଁଳ ତାତି।

ପ୍ରେମ ସବୁଜ ବିଶ୍ୱାସର ସୁବର୍ଣ୍ଣ ସ୍ୱାକ୍ଷର
ଅନ୍ତରରୁ ଅନ୍ତରୀକ୍ଷକୁ ଭେଦୁଥିବା
ପୁଲକର ପହିଲି ମନ୍ତ୍ର ।
ପ୍ରେମରେ ଫୁଲ ଫୁଟେ, ପକ୍ଷୀ ଉଡେ,
ପତ୍ର ହୁଏ ପଲ୍ଲବିତ,
ଶୁଭେ ଭଅଁରର ଗୁଣୁଗୁଣୁ ଗୁଞ୍ଜନ।

ପ୍ରେମ ଏକ ଦିବ୍ୟ ଅନୁଭୂତି
ନିରାସକ୍ତ ନିର୍ବାଣର ନିର୍ମଳ ଛବି
ଈଶ୍ୱରଙ୍କ ଶ୍ରେଷ୍ଠ ଅବଦାନ
ଅମୃତମୟ ସୃଷ୍ଟିର ଆଧାର
ଅଦମ୍ୟ ପ୍ରତିବଦ୍ଧତା, ଶାଶ୍ୱତ ସମର୍ପଣ
ସବୁ ଧର୍ମ, ଦର୍ଶନ ଓ ସଂସ୍କୃତିର
ନୈସର୍ଗିକ ତଥା ସର୍ବୋଚ୍ଚ ଉପଲବ୍ଧି ।

ପ୍ରେମ ଏକ ଅସମାପ୍ତ ଅନୁରାଗ
ଢାଳିଦିଏ ଢଳଢଳ ଅଭିସାର
ସ୍ୱାର୍ଥହୀନ ଅନୁରକ୍ତି, କଅଁଳ ଆତ୍ମୀୟତା;
ପୂର୍ଣ୍ଣତାରେ ଭରିଯାଏ ଜୀବନ ପାତ୍ର
ଝରିଯାଏ ଗଙ୍ଗା-ଯମୁନା-ସରସ୍ୱତୀ
ଶୁଖିଲା ମରୁର ଆକୀର୍ଣ୍ଣ ଛାତିରେ ।

ପ୍ରେମ ଏକ କୁଳୁକୁଳୁ ପାହାଡ଼ୀ ଝରଣା
ବହୁଥାଏ ଯେ ବହୁଥାଏ
ଅଗନା ଅଗନି ବନସ୍ତର ବନ୍ଧୁର ପଥରେ,
କେବେକେବେ ଝୁଣ୍ଟିପଡେ, ଥକିପଡେ
ମାତ୍ର ପଡେନି ଥକି କେବେ ।

ପ୍ରେମ ଏକ ଆକର୍ଷଣ, ମଧୁର ଯନ୍ତ୍ରଣା
ନୀଡ ତୋଳେ ସ୍ମୃତି ଓ ବିସ୍ମୃତିର ଅନ୍ତରାଳେ
ଅତିକ୍ରମ କରିପାରେ ପ୍ରତୀକ୍ଷାର ଦୀର୍ଘ ପଥ
ଆନନ୍ଦ ଓ ବିଷାଦର ଶେଷ ପାହାଚରେ
ଛୁଇଁପାରେ ମଧ୍ୟାହ୍ନର ଉହଡହ ସୂର୍ଯ୍ୟ ।

ପ୍ରେମ ଏକ ଆତ୍ମନିବେଦନ
ନିରାସକ୍ତ ଅନାବିଳ ମଧୁର କମ୍ପନ
ଆବେଗର ସ୍ନିଗ୍ଧ ଶୀତଳ ଚନ୍ଦନ ।
ଲାଭକ୍ଷତିର ରଖେନା ହିସାବ
ହସ-ଲୁହ, ସୁଖ-ଦୁଃଖ, ଜୀବନ-ଯନ୍ତ୍ରଣାର
ନକ୍ସା ଆଙ୍କେ ଗୋପନରେ ଏକାଏକା ବସି ।

ପ୍ରେମ ହୁଏ କାଳଜୟୀ
ଯେଉଁଠି ପରାଜୟରେ ବି
ବିଜୟର ଉଲ୍ଲାସ ଥାଏ
ବିଷପୂର୍ଣ୍ଣ ପିଆଲାରେ ଅମୃତର ସ୍ୱର୍ଶ ଥାଏ
ଆଉ 'ମୁଁ' ଓ 'ତୁ' ସୀମାରେଖା ଡେଇଁ
'ଆମେ'ର ସ୍ୱର୍ଗୀୟ ଅନୁଭବ ଥାଏ ।

**ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର**
**ମୋ-୮୨୪୯୧୩୭୦୯୧**

# ଚରିତ୍ର



**ପ୍ରଣୀତା ମିଶ୍ର**

ପିଲାଦିନେ ସେ କଅଁଳ ମନରେ
ଭରି ଦିଆଯାଉଥିଲା ଗୁରୁମନ୍ତ୍ର
ଭଲ ମଣିଷ ହେବାପାଇଁ
ଗଢ଼ିବାକୁ ଉତ୍ତମ ଚରିତ୍ର ।
ସେ ପିଲା ମୁଣ୍ଡରେ ଏସବୁ ଥିଲା
ସମ୍ପୂର୍ଣ୍ଣ ଅବୁଝା
କେମିତି ଗଢିବି ଚରିତ୍ର
କେଉଁଥିରେ ଅବା !
କେତେ ବକ୍ତୃତା ଓ ପଦ୍ୟାବୃତ୍ତି
ଉତ୍ତମ ଚରିତ୍ର ଗଠନ ପାଇଁ
କେତେ କାହାଣୀ
ପ୍ରଭୁ ରାମଚନ୍ଦ୍ରଙ୍କର ବନବାସ
ପିତୃସତ୍ୟ ପାଇଁ
ପୁଣି ଧର୍ମରକ୍ଷା ଲାଗି
ଶ୍ରୀକୃଷ୍ଣଙ୍କର ଗୀତାଜ୍ଞାନ
କେତେ ଚରିତ୍ର ମହାନ
ଏକଲବ୍ୟ, ଆରୁଣି ଓ ଶ୍ରବଣ କୁମାର ।
କେତେ ତ୍ୟାଗ ଆଦର୍ଶ
କେତେ ବଳିଦାନର କାହାଣୀ
ଆମ ସଂସ୍କୃତିରେ ସଭ୍ୟତାରେ
ତଥାପି କାହିଁକି ଏତେ ବ୍ୟତିକ୍ରମ
ଆଜି ଏ ଦେଶରେ ।
କୁଆଡେ ଯାଏ ସେ ଶିକ୍ଷା
ଯେବେ ହୁଏ ଖଣି ପାଣି ଚୋରି
ସରକାରୀ ଧନ ଲୁଟି ଥୋକେ
ଦେଖାଅନ୍ତି ବାହାଦୁରୀ ।
ଖାଦ୍ୟରେ ଅପମିଶ୍ରଣ
ଗରିବ ଧନ ଲୁଣ୍ଠନ
ଏ କିବା ଥିଲା ଶିକ୍ଷା ଚରିତ୍ର ଗଠନ !
ଚରିତ୍ର ରହିଛି କାଗଜରେ
ପ୍ରମାଣପତ୍ରରେ
ମିଛ ଭାଷଣବାଜିରେ
ବଦଳିଛି ସମୟ
ବଦଳିଛି ମନୋବୃତ୍ତି
ଆଜି ବି ପାରେନାହିଁ ବୁଝି
କେମିତି ରୋକିହେବ
ଚରିତ୍ରର ଏ ଅଧୋଗତି।

**ଭୁବନେଶ୍ୱର**

# ହାଇ-ଭୋଲଟେଜ ମ୍ୟାଚ୍ ପୂର୍ବରୁ ଦଳ ଛାଡ଼ିଲେ ୱାଶିଂଟନ ସୁନ୍ଦର

**ନୂଆଦିଲ୍ଲୀ**




ଏସିଆ କପ ୨୦୨୫ରେ ଟିମ୍ ଇଣ୍ଡିଆର ଆରମ୍ଭ ଭଲ ରହିଛି । ପ୍ରଥମ ମ୍ୟାଚରେ ଭାରତ ୯ ଉଇକେଟରେ ୟୁଏଇକୁ ପରାସ୍ତ କରିଛି । ଏବେ ଭାରତ ରବିବାର ପାକିସ୍ତାନ ବିପକ୍ଷରେ ଏକ ହାଇ-ଭୋଲଟେଜ ମ୍ୟାଚ ଖେଳିବାକୁ ଯାଉଛି, କିନ୍ତୁ ଏହି ସମୟ ମଧ୍ୟରେ ଏକ ବଡ଼ ଖବର ଆସିଛି, ଦଳର ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ହଠାତ୍ ଏସିଆ କପ ଦଳ ଛାଡି ଇଂଲଣ୍ଡ ଚାଲିଯାଇଛନ୍ତି ।

ୱାଶିଂଟନ ସୁନ୍ଦରଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ରିଜର୍ଭ ଖେଳାଳି ଭାବରେ ଦଳରେ ସାମିଲ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ତାଙ୍କର ଗୋଟିଏ ବି ମ୍ୟାଚ୍ ଖେଳିବାର ସମ୍ଭାବନା ବହୁତ କମ୍ ଥିଲା । ଏହି ମଧ୍ୟରେ, ତାଙ୍କୁ ଇଂରାଜୀ କାଉଣ୍ଟି ଦଳ ହାମ୍ପସାୟାରରୁ ଖେଳିବା ପାଇଁ ପ୍ରସ୍ତାବ ମିଳିଥିଲା, ଯାହାକୁ ସେ ଗ୍ରହଣ କରିଥିଲେ । ସୁନ୍ଦର ଏବେ କାଉଣ୍ଟି ଚାମ୍ପିଅନସିପରେ ଦୁଇଟି ମ୍ୟାଚ୍ ପାଇଁ ହାମ୍ପସାୟାରର ଅଂଶ ହୋଇଛନ୍ତି । ହାମ୍ପସାୟାର କ୍ରିକେଟ କ୍ଲବ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏ ବିଷୟରେ ସୂଚନା ଦେଇ ସୁନ୍ଦରଙ୍କୁ ସ୍ୱାଗତ କରିଛି ଏବଂ ଲେଖିଛନ୍ତି, ଆମେ ସୁନ୍ଦରଙ୍କୁ ଦଳରେ ସାମିଲ କରିବା ବିଷୟରେ ଆତ୍ମବିଶ୍ୱାସୀ ଥିଲୁ । ସ୍ୱାଗତ ୱାସି ! ଭାରତୀୟ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ରୋଜ ଏବଂ କ୍ରାଉନ ବିପକ୍ଷରେ ଶେଷ ଦୁଇଟି ମ୍ୟାଚ୍ ପାଇଁ ହାମ୍ପସାୟାର ପକ୍ଷରୁ ଖେଳିବେ ।

ୱାଶିଂଟନ ସୁନ୍ଦରଙ୍କ ସାମ୍ପ୍ରତିକ ଇଂଲଣ୍ଡ ଗସ୍ତ ସ୍ମରଣୀୟ ଥିଲା । ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ, ସେ ବ୍ୟାଟ୍ ଏବଂ ବଲ ଉଭୟରେ ଚମତ୍କାର ପ୍ରଦର୍ଶନ ଦେଖାଇଥିଲେ । ସେ ବ୍ୟାଟିଂରେ ୨୮୪ ରନ କରିଥିଲେ ଏବଂ ଏହି ସମୟରେ ତାଙ୍କର ହାର ୪୭ ଥିଲା । ଏହି ସିରିଜରେ, ସୁନ୍ଦର ଓଲ୍ଡ ଟ୍ରାଫୋର୍ଡରେ ଏକ ଚମତ୍କାର ଶତକ ମଧ୍ୟ କରିଥିଲେ । ସୁନ୍ଦର ବୋଲିଂରେ ମଧ୍ୟ ଜବରଦସ୍ତ ଫର୍ମ ଦେଖାଇଥିଲେ । ସେ ୩୮.୫୭ ହାରରେ ୭ ଉଇକେଟ ନେଇଥିଲେ । ଏହି ଫର୍ମକୁ ଦେଖି, ହାମ୍ପଶାୟାର ତାଙ୍କୁ କାଉଣ୍ଟି ସିଜିନର ଶେଷ ଭାଗ ପାଇଁ ଚୟନ କରିଛି ।

ସୁନ୍ଦରଙ୍କ ପ୍ରସ୍ଥାନ ଏସିଆ କପ ପାଇଁ ଟିମ୍ ଇଣ୍ଡିଆର ପ୍ରସ୍ତୁତି ଉପରେ କୌଣସି ବଡ଼ ପ୍ରଭାବ ପକାଇବ ନାହିଁ । କାରଣ ସେ ରିଜର୍ଭ ଦଳରେ ଥିଲେ ଏବଂ ତାଙ୍କୁ ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନ ଥାନ୍ତା ।

# ପୂର୍ବତଟ ରେଳପଥ ହକି ଟିମ୍ ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍ ୨୦୨୫ର ବିଜେତା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ପୂର୍ବତଟ ରେଳପଥ ହକି ଟିମ୍ ଓଡ଼ିଶା ହକି ସଂଘ (ଏଚଏଓ) ଦ୍ୱାରା ଆୟୋଜିତ ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍ ୨୦୨୫ର ଟାଇଟଲ ବିଜେତା ହୋଇଛି । ୬ ରୁ ୧୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ରାଉରକେଲାରେ ଅନୁଷ୍ଠିତ ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ୩୬ଟି ଦଳ ଅଂଶଗ୍ରହଣ କରିଥିଲେ, ଯାହା ଓଡ଼ିଶାର ହକି ପ୍ରତିଭାର ଗଭୀରତା ଓ ପ୍ରସାରକୁ ପ୍ରଦର୍ଶନ କରିଥିଲା ।

ସୁନ୍ଦରଗଡ଼ ଦଳ ବିପକ୍ଷରେ ହୋଇଥିବା ଏକ ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ, ପୂର୍ବତଟ ରେଳପଥ ହକି ଦଳ ତାଙ୍କ ପ୍ରେରଣାଦାୟକ ଅଧିନାୟକ ଅମିତ ରୋହିଦାସଙ୍କ ନେତୃତ୍ୱରେ ଚମତ୍କାର ପ୍ରଦର୍ଶନ କରିଥିଲେ । ରୋହିଦାସଙ୍କ ଉଲ୍ଲେଖନୀୟ ହ୍ୟାଟ୍-ଟ୍ରିକ୍ ଗୋଲ୍ ଦଳକୁ ଏକ ସ୍ମରଣୀୟ ବିଜୟ ପ୍ରଦାନ କରିଥିଲା । ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ବିଭିନ୍ନ ବିଭାଗରେ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହନ ଦେବାର ଏକ ସମୃଦ୍ଧ ପରମ୍ପରା ରହିଛି । ବର୍ଷ ବର୍ଷ ଧରି ଏହି ଜୋନର କ୍ରୀଡାବିତ୍ ମାନେ କେବଳ ଭାରତୀୟ ରେଳବାଇ ପାଇଁ ନୁହେଁ ବରଂ ଜାତୀୟ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ଏବଂ ଭାରତ ପାଇଁ ମଧ୍ୟ କ୍ରମାଗତ ଭାବରେ ଗୌରବ ଆଣିଛନ୍ତି ।

ଚତୁର୍ଥ ସିନିୟର ପୁରୁଷ ଏଚଏଓ ହକି ରାଜ୍ୟ ଚାମ୍ପିଅନସିପ ୨୦୨୫ ରେ ଏହି ବିଜୟ ପୂର୍ବତଟ ରେଳପଥର କ୍ରୀଡ଼ା ଐତିହ୍ୟରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି ଏବଂ କ୍ରୀଡ଼ା ମାଧ୍ୟମରେ କ୍ରୀଡ଼ା ଉତ୍କର୍ଷତା, କ୍ରୀଡ଼ାବିତ୍ ମାନଙ୍କର ବିକାଶ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଏହାର ଅଟଳ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରୁଛି ।

# ଏସିଆ କପ୍ ମହିଳା ହକି : ଚୀନ୍‌ଠୁ ହାରିଲା ଭାରତ

**ହାଙ୍ଗ୍‌ଝୁ**



ଚଳିତ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାର ସୁପର-୪ ପର୍ଯ୍ୟାୟରେ ଭାରତ ଆୟୋଜକ ଚୀନଠାରୁ ଶୋଚନୀୟ ଭାବେ ୧-୪ ଗୋଲ୍‌ରେ ପରାଜିତ ହୋଇଛି । ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଅପରାଜିତ ଥିବା ଭାରତ ନିଜ ପ୍ରଥମ ସୁପର-୪ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୪-୨ରେ ପରାସ୍ତ କରିଥିଲା । ତେବେ ସେହି ସଫଳତା ଦୋହରାଇ ପାରି ନଥିଲା । ଚତୁର୍ଥ ମିନିଟ୍‌ରେ ପ୍ରଥମ ଗୋଲ୍ ଦେଇଥିବା ଚୀନ ପୂରା ମ୍ୟାଚ୍‌କୁ ଶେଷ ପର୍ଯ୍ୟନ୍ତ ନିଜ ନିୟନ୍ତ୍ରଣରେ ରଖିଥିଲା । ଭାରତ ପକ୍ଷରୁ ଏକମାତ୍ର ଗୋଲ୍ ମୁମତାଜ୍ ଖାନ୍ ୩୮ତମ ମିନିଟ୍‌ରେ ଦେଇଥିଲେ ।

ଚୀନ ପକ୍ଷରୁ ଜୋ ମିରାଙ୍ଗ (୪ ଓ ୫୬ ମିନିଟ୍), ଚେନ୍ ୟାଙ୍ଗ (୩୧ ମିନିଟ୍), ତାନ୍ ଜିନଝୁଆଙ୍ଗ (୪୭ ମିନିଟ୍) ଦେଇଥିଲେ । ଏହି ବିଜୟ ସହ ଚୀନ ଦୁଇଟି ମ୍ୟାଚ୍‌ରୁ ଦୁଇଟି ବିଜୟ ହାସଲ କରି ଫାଇନାଲ୍‌ର ନିକଟତର ହୋଇଛି । ଭାରତ ପାଇଁ ୧୩ ତାରିଖର ଜାପାନ ବିପକ୍ଷ ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି । ଭାରତ (୩ ପଏଣ୍ଟ) ଏବେ ଚୀନ (୬ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି । ଗୁରୁବାରର ଅନ୍ୟଏକ ମ୍ୟାଚ୍‌ରେ ଜାପାନ-ଦକ୍ଷିଣ କୋରିଆ ପଏଣ୍ଟ୍ ବାଣ୍ଟିଛନ୍ତି ।

# ଅହମ୍ମଦାବାଦରେ ହେବ ୨୦୨୬ ପୁରୁଷ ଟ୍ୱେଣ୍ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍

**ନୂଆଦିଲ୍ଲୀ**




ପୁରୁଷ ଟ୍ୱେଣ୍ଟି୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଭାରତ ଓ ଶ୍ରୀଲଙ୍କାରେ ଆୟୋଜନ ହେବ । ଏହି ବିଶ୍ୱକପ୍‌ରେ ୨୦ଟି ଦଳ ଖେଳିବେ । ଏହି ବିଶ୍ୱକପ୍ ୨୦୨୬ ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଖେଳାଯିବାର ସମ୍ଭାବନା ରହିଛି । ଭାରତର ୫ଟି ଓ ଶ୍ରୀଲଙ୍କାର ୨ଟି ଷ୍ଟାଡିୟମ୍‌ରେ ଏହି ବିଶ୍ୱକପ୍‌ର ସମସ୍ତ ୫୫ଟି ମ୍ୟାଚ୍ ଖେଳାଯିବ । ମାର୍ଚ୍ଚ ୮ରେ ଏହି ବିଶ୍ୱକପ୍‌ର ଫାଇନାଲ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯିବାକୁ ସ୍ଥିର କରାଯାଇଛି । ତେବେ ପାକିସ୍ତାନ ଯଦି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ; ତେବେ କଲମ୍ବୋରେ ଫାଇନାଲ ମ୍ୟାଚ୍ ଖେଳାଯିବ ।

ସୂଚନାଯୋଗ୍ୟ; ପୁରୁଷ ଟ୍ୱେଣ୍ଟି୨୦ ବିଶ୍ୱକପ୍-୨୦୨୬ ଖେଳସୂଚୀ ଔପଚାରିକ ଭାବେ ଆଇସିସି ଘୋଷଣା କରିନାହିଁ । ହେଲେ ଅନୌପଚାରିକ ଭାବେ ଆଇସିସି ପ୍ରତିଯୋଗୀ ଦେଶଙ୍କୁ ଉପରୋକ୍ତ ତାରିଖ ଜଣାଇଦେଇଛି । ଅଦ୍ୟାବଧି ୧୫ଟି ଦେଶ ଏହି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ବାକି ୫ଟି ଦଳଙ୍କ ମଧ୍ୟରୁ ୨ଟି ଆଫ୍ରିକାରୁ ଏବଂ ୩ଟି ଦଳ ଏସିଆ-ପୂର୍ବ ଏସିଆ ପ୍ୟାସିଫିକ୍ ଅଞ୍ଚଳରୁ ଯୋଗ୍ୟତା ଅର୍ଜନ କରି ଆସିବେ । ୨୦୨୪ରେ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଖେଳା ଯାଇଥିବା ପୁରୁଷ ଟ୍ୱେଣ୍ଟି୨୦ ବିଶ୍ୱକପ୍ ପରି ଏହି ବିଶ୍ୱକପ୍‌ର ଫର୍ମାଟ ରହିବ । ୨୦ଟି ଦଳଙ୍କୁ ୪ଟି ଗ୍ରୁପ୍‌ରେ ରଖାଯିବ । ପ୍ରତି ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ପରସ୍ପର ବିପକ୍ଷରେ ଖେଳିବେ । ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଦଳ ସୁପର ଏଇଟ୍ ରାଉଣ୍ଡରେ ପ୍ରବେଶ କରିବେ । ଏହି ରାଉଣ୍ଡରେ ମଧ୍ୟ ୮ଟି ଦଳଙ୍କୁ ୨ଟି ଗ୍ରୁପ୍‌ରେ ରଖାଯିବ । ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଦଳ ସେମିଫାଇନାଲ ଖେଳିବେ । ଗତଥର ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ହରାଇ ଭାରତ ଚାମ୍ପିଅନ ହୋଇଥିଲା । ୨୦୨୬ ଜାନୁଆରୀ ୧୧ରୁ ୩୧ ମଧ୍ୟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଘରୋଇ ଭାରତ ଦିନିକିଆ ଓ ଟ୍ୱେଣ୍ଟି୨୦ ଶୃଙ୍ଖଳା ଖେଳିବ । ବର୍ଷ ଆରମ୍ଭରୁ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଆୟୋଜନ ପାଇଁ ବିସିସିଆଇ ଯୋଜନା କରିଛି । ପୁରୁଷ ଟ୍ୱେଣ୍ଟି୨୦ ବିଶ୍ୱକପ୍ ପରେ ଆଇପିଏଲ୍ ଖେଳାଯିବ । ଆଇପିଏଲ୍‌ର ସମ୍ଭାବ୍ୟ ତାରିଖ ମାର୍ଚ୍ଚ ୧୬ରୁ ମେ' ୩୧ ରଖାଯାଇଛି ।

# ଦୃଷ୍ଟିବାଧିତ ଭାରତୀୟ ମହିଳା ଟି୨୦ ବିଶ୍ୱକପ୍ ଦଳରେ ଓଡ଼ିଶାରୁ ୪ ଖେଳାଳି

**ଭୁବନେଶ୍ୱର**



ଆସନ୍ତା ନଭେମ୍ବର ୧୧ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍ ପାଇଁ ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି । ଦଳରେ ଓଡ଼ିଶାରୁ ୪ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ଯମୁନା ରାଣୀ ଟୁଡୁ, ବାସନ୍ତି ହାଂସଦା, ଫୁଲ ସୋରେନ ଓ ପାର୍ବତୀ ମାର୍ଣ୍ଡି ।

ଏଥିରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଆମେରିକା ଦଳ ଅଂଶଗ୍ରହଣ କରିବେ । ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ନୂଆଦିଲ୍ଲୀ ଓ ବେଙ୍ଗାଲୁରୁରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଖେଳିବାକୁ ଥିବାରୁ କାଠମାଣ୍ଡୁକୁ ତୃତୀୟ ଭେନ୍ୟୁ ଭାବେ ଚୟନ କରାଯାଇଥିଲା । ହେଲେ ବର୍ତ୍ତମାନ ନେପାଳରେ ଦେଖାଦେଇଥିବା ପରିସ୍ଥିତି କାରଣରୁ ବିକଳ୍ପ ଭେନ୍ୟୁ ଖୋଜା ଯାଉଛି । ଏହି ବିଶ୍ୱକପ୍‌ରେ ୨୧ଟି ଲିଗ୍ ମ୍ୟାଚ୍ ସହିତ ୩ଟି ନକ୍‌ଆଉଟ୍ ମ୍ୟାଚ୍ ଖେଳାଯିବ । ସମଗ୍ର ଦେଶରେ କରାଯାଇଥିବା ଖେଳାଳିଙ୍କ ଖୋଜା ପ୍ରକ୍ରିୟାରେ ୫୬ ଜଣଙ୍କୁ ଚୟନ କରାଯାଇଥିଲା । କଠିନ ଟ୍ରେନିଂ ଓ ଚୟନ ଶିବିର ପରେ ସେମାନଙ୍କ ମଧ୍ୟରୁ ୧୬ ଜଣିଆ ଦଳ ଘୋଷଣା କରାଯାଇଛି ।

ପୂର୍ବରୁ ୨୦୨୩ ଆଇବିଏସ୍‌ଏ ୱାର୍ଲଡ ଗେମ୍ସରେ ଦୃଷ୍ଟି ବାଧିତ ମହିଳା ଗେମ୍ସ ପଦାର୍ପଣ କରିଥିବା ବେଳେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଥିଲା । ବି୧ କ୍ୟାଟେଗୋରି: ସିମୁ ଦାସ, ପି କରୁଣା କୁମାରୀ, ଅନୁ କୁମାରୀ, ଯମୁନା ରାଣୀ ଟୁଡୁ, କାଭ୍ୟା ଭି । ବି୨ କ୍ୟାଟେଗୋରି: ଅନେଖା ଦେବୀ, ବାସନ୍ତି ହାଂସଦା, ସିମରନଜୀତ କୌର, ସୁନିତା ସରାଥେ, ପାର୍ବତୀ ମାର୍ଣ୍ଡି । ବି୩ କ୍ୟାଟେଗୋରି: ଦୀପିକା ଟି ସି (ଅଧିନାୟିକା), ଫୁଲ ସୋରେନ, ଗଙ୍ଗା ଏସ୍ କଦମ (ଉପ ଅଧିନାୟିକା), କାଭ୍ୟା ଏନ୍ ଆର, ସୁଷମା ପଟେଲ, ଦୁର୍ଗା ୟେଭଲେ । ଖେଳାଳିଙ୍କ ପୂର୍ବ ପ୍ରଦର୍ଶନ ଆଧାରରେ ଅଧିନାୟିକା ଓ ଉପଅଧିନାୟିକା ଚୟନ କରାଯାଇଛି ।

# ସଡ଼କ ଦୁର୍ଘଟଣାରେ କ୍ରିକେଟର କାଞ୍ଚନ କୁମାରୀଙ୍କ ପରଲୋକ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳ ବର୍ତ୍ତମାନ ଏସିଆ କପ ୨୦୨୫ରେ ଖେଳୁଛି, ଦଳର ପରବର୍ତ୍ତୀ ମ୍ୟାଚ ରବିବାର ପାକିସ୍ତାନ ସହିତ ଅଛି । ସେହିପରି ମହିଳା କ୍ରିକେଟ ଦଳ ବିଶ୍ୱକପ ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଦିନିକିଆ ସିରିଜ ଖେଳିବାକୁ ଯାଉଛି, ପ୍ରଥମ ମ୍ୟାଚ ରବିବାର ଖେଳାଯିବ । ଏହି ସମୟରେ ଜମ୍ମୁ ଏବଂ କଶ୍ମୀରରୁ ଏକ ଦୁଃଖଦ ଖବର ଆସିଛି । କ୍ରିକେଟର କାଞ୍ଚନ କୁମାରୀଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି ।

କଶ୍ମୀର ସଂଯୋଜକଙ୍କ ଅନୁଯାୟୀ, କାଞ୍ଚନ କୁମାରୀ ଜଣେ କ୍ରିକେଟର ହେବା ସହିତ ଜଣେ ଶାରୀରିକ ଶିକ୍ଷୟିତ୍ରୀ ଥିଲେ । ତାଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଯୁବ ସେବା ଏବଂ କ୍ରୀଡ଼ା ନିର୍ଦ୍ଦେଶାଳୟ ତାଙ୍କ ମୃତ୍ୟୁ ପାଇଁ ଶୋକ ପ୍ରକାଶ କରିଛି । ୱାଇଏସଏସ ମହାନିର୍ଦ୍ଦେଶକ ଅନୁରାଧା ଗୁପ୍ତା ଶୋକ ପ୍ରକାଶ କରିଛନ୍ତି ଏବଂ କାଞ୍ଚନଙ୍କୁ ଜଣେ ଉତ୍ସର୍ଗୀକୃତ ଖେଳାଳି ଏବଂ ଗତିଶୀଳ ଖେଳାଳି ଭାବରେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଜମ୍ମୁ ଏବଂ କଶ୍ମୀରରେ କ୍ରିକେଟ ଏବଂ କ୍ରୀଡ଼ାର ବିକାଶରେ କାଞ୍ଚନର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ।

# ମୟୂରଭଞ୍ଜ ଜିଲ୍ଲାର ଝିଅ ସନ୍ଧ୍ୟା ଟୁଡୁ ଭାରତୀୟ ରଗ୍‌ବି ଦଳରେ ଖେଳାଳି ଭାବେ ମନୋନୀତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶାର ୪ଜଣ ଝିଅଙ୍କ ମଧ୍ୟରେ ଭିତରେ ମୟୂରଭଞ୍ଜ ଜିଲ୍ଲାର ଝିଅ ସନ୍ଧ୍ୟା ଟୁଡୁ ଏସିଆ ରଗ୍‌ବି ଏମିରାଟସ୍ ମହିଳା ସେଭେନ ସିରିଜ୍ ୨୦୨୫ରେ ଖେଳିବା ପାଇଁ ଭାରତୀୟ ଦଳ ତରଫରୁ ମନୋନୀତ ହୋଇ ରାଜ୍ୟ ତଥା ଆମ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏହି ଖେଳ ଚଳିତ ସେପ୍ଟେମ୍ବର ମାସ ୨୦ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଇନାର ହଁଗଜହୋଉରେ ଅନୁଷ୍ଠିତ ହେବ । ସନ୍ଧ୍ୟା ଟୁଡୁ ବାରିପଦା ସ୍ଥିତ ଫିଉଚର ସ୍ପୋର୍ଟସ ଏକାଡେମୀର ଛାତ୍ରୀ ଅଟନ୍ତି ଏବଂ ସେଠାରେ ରହି ପ୍ରଶିକ୍ଷଣ ନିଅନ୍ତି । ଏଥିପାଇଁ ତା'ଙ୍କୁ ଜିଲ୍ଲାପାଳ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି । ନିକଟ ଅତୀତରେ ଫିଉଚର ଷ୍ଟାର ଏକାଡେମୀର ଛାତ୍ରୀମାନେ କୋଲକାତା ଠାରେ ହୋଇଥିବା ଇଣ୍ଟର କ୍ଲବ ରଗ୍‌ବି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।

# ଜିଲ୍ଲା ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ବାଲେଶ୍ୱର, ନ୍ୟୁଜ୍**

ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଓ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନର ମିଳିତ ଆୟୋଜନରେ ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲ୍ ଖେଳ ପଡ଼ିଆରେ ଜିଲ୍ଲା ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡ଼ାଇ କ୍ରୀଡ଼ା ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାଶ ଓ ଖ୍ରୀଷ୍ଟିଆନ ହାଇସ୍କୁଲର ପ୍ରଧାନଶିକ୍ଷକ ନାରାୟଣ ପୃଷ୍ଟି ଯୋଗଦେଇଥିଲେ । ମଣିନାଗେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ । ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ରତିକାନ୍ତ ବେହେରା ସଂଯୋଜନା କରିଥିଲେ । ଖ୍ରୀଷ୍ଟିଆନ ହାଇସ୍କୁଲର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ୧୭ ବର୍ଷ ଓ ୧୪ ବର୍ଷରୁ କମ୍ ବାଳକ ତଥା ବାଳିକା ବିଭାଗରେ ଫୁଟବଲ୍, କବାଡି, ଖୋଖୋ, ରଗବୀ ଫୁଟବଲ୍, ବ୍ୟାଡ୍‌ମିଣ୍ଟନ୍, ଚେସ୍, ହକି ଓ ଯୋଗ ପ୍ରତିଯୋଗିତା ପାଇଁ ୧୨ଟି ବ୍ଲକରୁ ୧ ହଜାର ୪୫୨ଜଣ ପ୍ରତିଯୋଗୀ, କ୍ରୀଡ଼ା ପରିଚାଳକ ଓ କ୍ରୀଡ଼ାଶିକ୍ଷକ ଏହି ପ୍ରତିଯୋଗିତାରେ ଯୋଗ ଦେଇଛନ୍ତି । ଜିଲ୍ଲା ସ୍ତରରେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନକୁ ନେଇ ପ୍ରାୟ ୩୫୦ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ । ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଅଛି ।

## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

V-20

**ଘୋଷଣା**

ନଥି ସଂ- IX(C)-30/2025-247 ତା- 13.06.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ବଡ଼ବିଲ,** ୟୁନିଟ୍ ନଂ-୮, ଥାନା- ବଡ଼ବିଲ, ତହସିଲ-ବଡ଼ବିଲ, ଜିଲ୍ଲା-କେନ୍ଦୁଝରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ବଡ଼ଜାମଦା ଓ ବଡ଼ବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ-ଆର.ବି.କେ.୬୦) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା. ୨୩୦ ତା. ୧୩.୦୬.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ ମୌଜା-**ବଡ଼ବିଲ,** ୟୁନିଟ୍ ନଂ-୮, ଥାନା- ବଡ଼ବିଲ, ତହସିଲ-ବଡ଼ବିଲ, ଜିଲ୍ଲା-କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥାଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥାଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ୍ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଡ଼ବିଲ ୟୁନିଟ୍ ନଂ-୮ | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ ୦.୧୨୫ | ଏ ୦.୦୨୮ | ସଂଲଗ୍ନ |

**ତଫସିଲ-ଖ**

(ପୁନର୍ବାସ ନିମିତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ୍ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୩.୦୬.୨୦୨୪

**ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, କେନ୍ଦୁଝର**

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ :- ବଡ଼ଜାମଦା - ବଡ଼ବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି. ନଂ- ଆର.ବି.କେ ୬୦) ନିର୍ମାଣ

ମୌଜା :- ବଡ଼ବିଲ ୟୁ: ନଂ:୮
ଥାନା :- ବଡ଼ବିଲ
ତହସିଲ :- ବଡ଼ବିଲ
ଜିଲ୍ଲା :- କେନ୍ଦୁଝର

| କ୍ରମିକ ନଂ | ଖତିୟାନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୩୭/୫ | କମଳଜିତ ସିଂହ, ପି. ବଳଦେବ ସିଂହ ବା: ନିଜଗାଁ | ୩୬୮ | ଘରବାରି ଏକ | ୦.୦୩ | ୦.୦୧୧ |
| | | | ୩୬୩/୮୪୭ | ଘରବାରି ଏକ | ୦.୦୧୫ | ୦.୦୧୦ |
| ୨ | ୩୭/୭ | କରତାର ସିଂହ, ପି.ଜଗତ ସିଂହ ବା: ବଡ଼ବିଲ, ଥାନା ବଡ଼ବିଲ ଜିଲ୍ଲା : କେନ୍ଦୁଝର | ୩୬୩ | ଘରବାରି ଏକ | ୦.୦୮ | ୦.୦୦୭ |
| | | | | ମୋଟ- | ୦.୧୨୫ | ୦.୦୨୮ |

OIPR-24045/14/0045/2526

## ଐତିହାସିକ ବାଲିଯାତ୍ରା କଟକ -୨୦୨୫ ପ୍ରସ୍ତୁତି ବୈଠକ

# ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଏ ବର୍ଷର ବାଲିଯାତ୍ରା

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ତଥା ରାଜ୍ୟର ପ୍ରାଚୀନ କଳା, ହସ୍ତଶିଳ୍ପ, ସଂସ୍କୃତି ଏବଂ ସାମୁଦ୍ରିକ ଐତିହ୍ୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ନଭେମ୍ବର ୫ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା, କଟକ ଉତ୍ସବ-୨୦୨୫ ଅନୁଷ୍ଠିତ ହେବ । ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଶୁକ୍ରବାର ଅନୁଷ୍ଠିତ ଐତିହାସିକ ବାଲିଯାତ୍ରା କଟକ-୨୦୨୫ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତ ବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ସହ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି । ତେବେ ଚଳିତ ବର୍ଷ ବାଲିଯାତ୍ରା କେବଳ ତଳ ପଡିଆରେ କରାଯିବାକୁ ସ୍ଥିର କରାଯାଇଛି । ପୂର୍ବରୁ ୩୪ ଏକର ପରିମିତ ସ୍ଥାନରେ ବାଲିଯାତ୍ରା ଆୟୋଜିତ ହେଉଥିବା ବେଳେ ଚଳିତ ବର୍ଷ କେବଳ ତଳ ପଡିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ରାଜ୍ୟ ସରକାରଙ୍କଠାରୁ ଅନୁମତି ଅଣାଯାଇସାରିଛି । ଏନଜିଟିର ଆଦେଶ ସହ ଉଚ୍ଚ ନ୍ୟାୟାଳୟର ନିୟମାବଳୀ ଅନୁଯାୟୀ ବାଲିଯାତ୍ରା ପରିଚାଳନାର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ବାଲିଯାତ୍ରାର ସୁଚାରୁ ପରିଚାଳନା ନିମନ୍ତେ ବିଭିନ୍ନ କମିଟିମାନ ଗଠନ କରାଯାଇଛି । ଏଥିସହ ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ପାଇଁ ଲାଗାତାର ତୃତୀୟ ବର୍ଷ ନିମନ୍ତେ ଚଳିତ ଥରର ବାଲିଯାତ୍ରା ସମ୍ପର୍କିତ ରିପୋର୍ଟ ୟୁନେସ୍କୋକୁ ପଠାଯିବ ।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବାଲିଯାତ୍ରା କୋର କମିଟି ଗଠନ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱଙ୍କ ଅଧ୍ୟକ୍ଷତାରେ ଜମି ଆବଣ୍ଟନ କମିଟି, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ କମିଟି, ଅତିରିକ୍ତ ଜିଲ୍ଲାପାଳ ସାଧାରଣଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳନା ଓ ଟେଣ୍ଡର କମିଟି, ଉପଜିଲ୍ଲାପାଳ କଟକ ସଦରଙ୍କ ଅଧ୍ୟକ୍ଷତାରେ ଗଣମାଧ୍ୟମ ସମନ୍ୱୟ କମିଟି କାର୍ଯ୍ୟ କରିବ । ଏହାବ୍ୟତୀତ ଅତିଥି ଅଭ୍ୟର୍ଥନା କମିଟି, ଗମନାଗମନ କମିଟି, ଅତିଥି ଓ କଳାକାରମାନଙ୍କ ରହଣି ସମ୍ପର୍କିତ କମିଟି, ସ୍ପନଶରସିପ୍ କମିଟି, ପାର୍କିଂ କମିଟି, ଷ୍ଟେଜ ମ୍ୟାନେଜମେଣ୍ଟ କମିଟି, ଏନଫୋର୍ସମେଣ୍ଟ କମିଟି, ଯାଂଚ ଓ ସୁରକ୍ଷା କମିଟି ଏବଂ ପରିଚ୍ଛନ୍ନତା, ବୈଦ୍ୟୁତିକ ନିରାପତା, କେମିକାଲ ଡଷ୍ଟିଂ କମିଟି ଆଦି ବିଭିନ୍ନ କମିଟିମାନ ଗଠନ କରାଯାଇଛି । ବୈଦ୍ୟୁତିକ ସୁରକ୍ଷା, ମଞ୍ଚ ଓ ଭିତ୍ତିଭୂମି ସୁରକ୍ଷା, ଅଗ୍ନିଶମ ସୁରକ୍ଷାକୁ ସୁନିଶ୍ଚିତ କରାଇବା, ଦୋଳି ଓ ଅନ୍ୟାନ୍ୟ ମନୋରଞ୍ଜନ ଭିତିକ ସରଞ୍ଜାମର ସୁରକ୍ଷା ପ୍ରମାଣପତ୍ର ସହ ତୃତୀୟ ପକ୍ଷ ବୀମା ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ କହିଛନ୍ତି । ଇଣ୍ଟିଗ୍ରେଟେଡ୍ ୱେବ୍‌ସାଇଟ ମାଧ୍ୟମରେ ବାଲିଯାତ୍ରା ସମ୍ପର୍କିତ ସମସ୍ତ ତଥ୍ୟ ଉପଲବ୍ଧ କରାଯିବାର ବ୍ୟବସ୍ଥା କରାଯାଇଛି । ଆଇନ ଶୃଙ୍ଖଳା, ଗମନାଗମନ, ଯାତାୟତ, ଯାନବାହନ ନିୟନ୍ତ୍ରଣ, ଗାଡ଼ି ରହଣୀ ସ୍ଥଳ, ସ୍ୱଚ୍ଛତା, ବିଦ୍ୟୁତ୍ ଯୋଗାଣ, ପଡ଼ିଆ ସମତୁଲ କରିବା, ଖାଦ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଅସ୍ଥାୟୀ ଶୌଚାଳୟ ନିର୍ମାଣ ଆଦି ଦିଗରେ ଗତବର୍ଷର ଅଭିଜ୍ଞତାକୁ ଭିତିକରି ଅଦବକ ଉନ୍ନତ ମାନର କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାଲିଯାତ୍ରାର ଅନ୍ତତଃ ୨୦ ଦିନ ପୂର୍ବରୁ ସମସ୍ତ ବିଭାଗ ନିଜ ନିଜର କାର୍ଯ୍ୟ ସମ୍ବନ୍ଧୀୟ ନୀଳନକ୍‌ସା ପ୍ରସ୍ତୁତ କରିନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜାଗା ଆବଣ୍ଟନ ନିମନ୍ତେ ଅନଲାଇନ୍ ମାଧ୍ୟମରେ ଆବେଦନ କରାଯାଇପାରିବ । ବିଭିନ୍ନ ବିଷୟ ଯାଞ୍ଚ କରିବା ପାଇଁ ଆଠଗଡ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି । ଗ୍ରୀନ୍ କରିଡର, ପାର୍କିଂ ବ୍ୟବସ୍ଥା, ଖାଦ୍ୟ ପଦାର୍ଥର ମାନ ଯାଂଚ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ଉପଲବଧ କରାଇବା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି । ଗ୍ରୀନ୍ କରିଡରର ଦୁଇ ପାଶ୍ୱର୍ରେ ଉଠା ଦୋକାନୀମାନଙ୍କୁ ବସିବାକୁ ନ ଦେଇ ଅନ୍ୟତ୍ର ସ୍ୱତନ୍ତ୍ର ସ୍ଥାନ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଉଭୟ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ କଳାକାରଙ୍କ ଲୋକପ୍ରିୟତା ଦୃଷ୍ଟିରୁ ସମାନ୍ତରାଳ ଭାବେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ । ଯାହାଫଳରେ କୌଣସି ଗୋଟିଏ ମଞ୍ଚ ନିକଟରେ ଅଧିକ ଜନଗହଳି ଦେଖିବାକୁ ମିଳିବ ନାହିଁ । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଚାହୁଁଥିବା ଅନୁଷ୍ଠାନ ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟରେ ପଞ୍ଜିକୃତ ହୋଇଥିବା ବାଧ୍ୟତାମୂଳକ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଆବଶ୍ୟକ । ଆବେଦନକାରୀ cuttack.odisha.gov.in ୱେବ୍‌ସାଇଟରୁ ଆବେଦନ ଫର୍ମ ଡାଉନ୍‌ଲୋଡ୍ କରି dco.ctc@gmail.com/ dco.ctc@gov.in ରେ ପ୍ରେରଣ କରିପାରିବେ କିମ୍ବା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ସିଧାସଳଖ ଦାଖଲ କରିପାରିବେ । ଚଳିତବର୍ଷ ରାତି ୧୧ଟା ପର୍ଯ୍ୟନ୍ତ ବାଲିଯାତ୍ରା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

ଚଳିତଥର ଓରମାସରେ ସୁରକ୍ଷାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ଓରମାସରେ କେବଳ ସମ୍ମତି ହାସଲ କରିଥିବା ବ୍ୟବସାୟୀମାନଙ୍କୁ ବ୍ୟବସାୟ ନିମନ୍ତେ ଅନୁମତି ପ୍ରଦାନ କରାଯିବ । କେବଳ ଓରମାସରେ ଗତ ବର୍ଷର ବିକ୍ରିବଟା ୫୦କୋଟିରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଚଳିତ ବର୍ଷ ୭୦ରୁ ୭୫ କୋଟିକୁ ବୃଦ୍ଧି କରାଯିବା ଲକ୍ଷ୍ୟ ରଖାଯାଇଛି । ଓରମାସ ମଧ୍ୟରେ କେଉଁ ଷ୍ଟଲ କେଉଁଠି ରହିଛି, ସେ ସମ୍ପର୍କରେ କ୍ୟୁ ଆର କୋଡ୍ ସ୍କାନ କରି ଜାଣିହେବ । ଗ୍ରୀନ୍ କରିଡରରେ ୨୪ ଘଣ୍ଟିଆ କଟକଣା ବଜାୟ ରହିବ । ଯାହାଫଳରେ ଦିନବେଳା ମଧ୍ୟ ପଡ଼ିଆ ଭିତରକୁ କେହି ଅନଧିକୃତ ଭାବେ ଚାରିଚକିଆ ଯାନ ନେଇ ପ୍ରବେଶ କରିପାରିବେ ନାହିଁ ।

ଅନୈତିକ ପାର୍କିଂକୁ ଏଡ଼ାଇବା ପାଇଁ ବ୍ୟବସ୍ଥା କରାଯିବା ସହ, ପୂର୍ବରୁ ବ୍ୟବହୃତ ହେଉଥିବା ପାର୍କିଂ ସହିତ ଆବଶ୍ୟକ ସ୍ଥଳେ ପାର୍କିଂ ସ୍ଥାନ ବୃଦ୍ଧି କରାଇବା ଏବଂ ଏଥିନିମନ୍ତେ ନିର୍ଦ୍ଧାରିତ ପାର୍କିଂ ସହ କୃଟର ଛୋଟ ଓ ମଧ୍ୟମ ଧରଣର ବସ୍‌ଗୁଡିକୁ ଚଳାଚଳ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ପାର୍କିଂ ସ୍ଥାନରୁ ବାଲିଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ନେବାଆଣିବା ପାଇଁ ଅତିକମ୍‌ରେ ୪୦ଟି ବସ୍ ସେବା ଯୋଗାଇ ଦିଆଯିବାକୁ ସ୍ଥିର କରାଯାଇଛି । ଚଳିତ ବର୍ଷ ସମଗ୍ର ବାଲିଯାତ୍ରା ଅଞ୍ଚଳକୁ ସଠିକ୍ ଉପଯୋଗିତା ଦୃଷ୍ଟିରୁ ଗୁରୁତ୍ୱ ଦିଆଯାଇଛି ।

ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀ ସମ୍ପୂର୍ଣ୍ଣ ଟ୍ରାଫିକ୍ ନିୟନ୍ତ୍ରଣର ରୂପରେଖ ପ୍ରସ୍ତୁତ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଜନଗହଳିକୁ ନିୟନ୍ତ୍ରଣ କରିବା ସହ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପାର୍କିଂସ୍ଥାନ ବୃଦ୍ଧି କରାଯିବା ସହ ୱାଚ୍ ଟାୱାର ନିର୍ମାଣ ତଥା ଏନଡିଆରଏଫ ଓ ଏସଡିଆରଏଫ ଦଳ ମୁତୟନ, ପାର୍କିଂ ସ୍ଥାନରୁ ଯାତ୍ରୀମାନଙ୍କୁ ଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଯାତାୟତକୁ ସୁଗମ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ । ଏଥିସହ ପାର୍କିଂ ସ୍ଥାନ ବୃଦ୍ଧି, ପଡିଆ ଓ ଏହାର ଆଖପାଖ ଅଞ୍ଚଳର ଉପଯୁକ୍ତ ଆଲୋକିକରଣ, କାର୍ତ୍ତିକେଶ୍ୱର ଭସାଣୀ ଆଦି ଉପରେ ଡିସିପି ଗୁରୁତ୍ୱ ଦେଇଥିଲେ । ଶୁକ୍ରବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କଟକ, ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ସେପ୍ଟେମ୍ବର ୨୦୨୫ ଶନିବାର





# ସର୍ବଭାରତୀୟ ବୈଠକରେ ଯୋଗ ଦେଲେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଦେଶର ଶ୍ରମିକ ଭାଇଭଉଣୀମାନଙ୍କ ସମୁଚିତ ଉନ୍ନତି, ସୁରକ୍ଷା ଏବଂ ସୁଯୋଗ ସୁନିଶ୍ଚିତ କରିବା ପାଇଁ ଶ୍ରମ ନୀତିନିୟମରେ ବ୍ୟାପକ ସୁଧାର ଅଣାଯିବାର ଆବଶ୍ୟକତା ସମ୍ପର୍କିତ ଏକ ସର୍ବଭାରତୀୟସ୍ତରୀୟ ବୈଠକ ଆଜି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡଃ ମନସୁଖ ମାଣ୍ଡଭ୍ୟ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀଙ୍କ ସହିତ ଓଡ଼ିଶାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ଏବଂ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ୨୦୪୭ ସ୍ୱପ୍ନକୁ ସାକାର କରିବାକୁ ହେଲେ ଶ୍ରମିକ ଭାଇ ଭଉଣୀମାନଙ୍କ ସାମଗ୍ରିକ ଓ ସମୟୋଚିତ ବିକାଶକୁ ସୁନିଶ୍ଚିତ କରିବା ନିତାନ୍ତ ଆବଶ୍ୟକ। ସମୟର ଆହ୍ୱାନକୁ ସ୍ୱୀକାର କରି ଏକ ସମାବେଶୀ ଓ ସମନ୍ୱିତ ଶାସନ ବ୍ୟବସ୍ଥା ପ୍ରଚଳନ କରିବା ପାଇଁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ। ଏହି ପରି-ପ୍ରେକ୍ଷୀରେ, କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କ ସହ ସମୁଚିତ ସମନ୍ୱୟ ରକ୍ଷା କରି ଶ୍ରମ ନୀତି-ନିୟମରେ ବ୍ୟାପକ ସୁଧାର ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହା ଦେଶର ଶ୍ରମିକ ଭାଇଭଉଣୀଙ୍କ ଜୀବନରେ ଆଶାତୀତ ଉନ୍ନତି ଆଣିବାରେ ସାହାଯ୍ୟ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଡଃ ମାଣ୍ଡଭ୍ୟ ଆଶା ବ୍ୟକ୍ତ କରିଛନ୍ତି।

ଶ୍ରମିକ ସଂସ୍ଥାନଗୁଡ଼ିକ ପାଇଁ ଏକକ ପଞ୍ଜୀକରଣ ବ୍ୟବସ୍ଥା ପ୍ରଚଳନ, ଲାଇସେନ୍ସର ମାନ୍ୟତା ସମୟ ବୃଦ୍ଧି ଏବଂ ସ୍ୱୟଂଚାଳିତ ପୁନଃନବୀକରଣ ବ୍ୟବସ୍ଥା ପ୍ରଚଳନ, ଶ୍ରମ ବଜାରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ସମାବେଶୀ ନୀତି ଓ ସୁରକ୍ଷିତ କାର୍ଯ୍ୟ ପରିବେଶର ନିର୍ମାଣର ଆବଶ୍ୟକତା ଉପରେ ବିଷଦ ଆଲୋଚନା ହୋଇଥିଲା। ତା' ସହିତ କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ବାଧ୍ୟତାମୂଳକ କରିବା ଦ୍ୱାରା ସେମାନଙ୍କ ମଧ୍ୟରେ କାର୍ଯ୍ୟ କରିବାକୁ ଅଧିକ ଆଗ୍ରହ ସୃଷ୍ଟି ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଡିଜିଟାଲ ରୂପାନ୍ତୀକରଣ ସମ୍ପର୍କରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। କେନ୍ଦ୍ର ମନ୍ତ୍ରୀ ଡଃ ମାଣ୍ଡଭ୍ୟ ନ୍ୟାସନାଲ କ୍ୟାରିଅର ସର୍ଭିସ ଏବଂ ଇ-ଶ୍ରମ ପ୍ଲାଟଫର୍ମଗୁଡ଼ିକର ଅଧିକରୁ ଅଧିକତର ଡିଜିଟାଇଜେସନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଚାରୀଙ୍କ ପାଇଁ 'ଏକଥର ସୁରକ୍ଷିତ, ସଦା ସୁରକ୍ଷିତ' ନୀତି ପ୍ରଣୟନ କରିବାକୁ ପ୍ରସ୍ତାବ ରଖିଥିଲେ, ଯାହା ଶ୍ରମିକମାନଙ୍କୁ ଜୀବନ ଜୀବିକାକୁ ଅଧିକ ସୁରକ୍ଷିତ କରିବାରେ ସହାୟକ ହେବ ବୋଲି ସେ କହିଥିଲେ।

ବୈଠକରେ ଶ୍ରମିକ ଭାଇଭଉଣୀମାନଙ୍କ ପାଇଁ ପ୍ରଚଳିତ ଆଇନ କାନୁନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ସିଂହଖୁଣ୍ଟିଆ କେନ୍ଦ୍ର ସରକାରଙ୍କ ସୁଧାର ଅନୁଚିନ୍ତାର ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ଏହି ସୁଧାର ଗୁଡିକ ଦେଶ ନିର୍ମାଣ କରୁଥିବା ଶ୍ରମିକ ଭାଇଭଉଣୀମାନଙ୍କ ଜୀବନ ଓ ଜୀବିକାରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ନେଇ ଆସିବ। ଓଡ଼ିଶା ଏହି ପରିବର୍ତ୍ତନ ଓ ପ୍ରଗତିର ଯାତ୍ରାକୁ ପୂର୍ଣ୍ଣ ସମର୍ଥନ କରିବ। ଶ୍ରମିକ ଭାଇଭଉଣୀମାନଙ୍କ ବାସ୍ତବ ଓ ସର୍ବାଙ୍ଗୀନ ଉନ୍ନତି ସହିତ ଓଡ଼ିଶା ତଥା ଦେଶର ବାସ୍ତବ ଉନ୍ନତି ସାଧିତ ହେବ ବୋଲି ସେ କହିଛନ୍ତି।

ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କେନ୍ଦ୍ର ସରକାରଙ୍କୁ ଖୁବ ଶୀଘ୍ର ସୁଚିନ୍ତିତ ମତାମତ ପ୍ରଦାନ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଡଃ ମାଣ୍ଡଭ୍ୟ ପରାମର୍ଶ ଦେଇଛନ୍ତି। ଶ୍ରମ ସୁଧାର ନୀତିନିୟମର ସଫଳତା କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ପ୍ରଶାସନର ସମାନ ଭାଗିଦାରୀ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି।

# ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳରେ ରାଜଭାଷା ସପ୍ତାହ ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳରେ ରାଜଭାଷା ସପ୍ତାହ ଉତ୍ସାହଭରା ପରିବେଶରେ ଆୟୋଜନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସରଳ ଭାବଗତ ସଂଯୋଗ ସୁନିଶ୍ଚିତ କରିବା ଓ ଭାଷାଗତ ତାରତମ୍ୟକୁ ଦୂର କରିବା ପାଇଁ ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରଚାର-ପ୍ରସାରର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ।

ଶ୍ରୀ ତ୍ରିପାଠୀ ମଧ୍ୟ କହିଛନ୍ତି ଯେ, ସରଳ ସଂଯୋଗ ପ୍ରଣାଳୀ ଓ ଭାରତରେ ଯୋଗାଯୋଗରେ ଥିବା ଭାଷାଗତ ତାରତମ୍ୟକୁ ହିନ୍ଦୀର ପ୍ରଚାର-ପ୍ରସାର ମାଧ୍ୟମରେ ସେତୁ ବନାଇପାରିବ। ସେ ଗୋଟିଏ ଭାଷାରେ ଯୋଗାଯୋଗର ଆବଶ୍ୟକତା ବିଷୟରେ ଉଲ୍ଲେଖ କରି ଭାରତୀୟ ସମିଧାନର ପ୍ରତି ଆମର ଦାୟିତ୍ୱ ପୂରଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

ଏହି ଅବସରରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ଓ ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଭିତ୍ତିଭୂମି) ସୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ରାଜଭାଷା ଅଧିକାରୀ ଉଷା ରାଣୀ ପରିଚାଳନା କରିବା ସହ ରାଜଭାଷା ବିଭାଗ ଦ୍ୱାରା ହିନ୍ଦୀର ବ୍ୟବହାର ବୃଦ୍ଧି ପାଇଁ ହୋଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ।

# ଡକାୟତି ଘଟଣା ପ୍ରତିବାଦରେ ଥାନା ଘେରିଲେ ପଞ୍ଚାୟତବାସୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅଞ୍ଚଳରେ ଦିନକୁ ଦିନ ବଢିଚାଲିଛି ଚୋରି, ଡକାୟତି, ଲୁଟପାଟ, ନିଶା କାରବାର ଭଳି ଅନେକ ଘଟଣା ଓ ଏହି କ୍ରମରେ ତରଭା ସରଗଜ ଗ୍ରାମପଞ୍ଚାୟତ ମଧ୍ୟ ବାଦ ପଡ଼ିନାହିଁ ଓ ସରଗଜ ଗ୍ରାମପଞ୍ଚାୟତରେ ପୂର୍ବରୁ ଏଟିଏମ୍ ମେସିନ ଭାଙ୍ଗି ଟଙ୍କା ଲୁଟ ଉଦ୍ୟମ, ସରଗଜ ସ୍ମାର୍ଟ ସ୍କୁଲ ଆଗରେ ଦିନ ଦ୍ୱିପହର ରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ଘଟଣା ଲୋକଙ୍କ ମନରୁ ଯାଇ ନ ଥିବା ବେଳେ ପୁଣି କିଛି ଦିନ ହେବ ବାଇକ୍ ଚୋରୀ, ଘର ଆଗରୁ ଟ୍ରାକ୍ଟରରୁ ବ୍ୟାଟେରୀ ଚୋରି ଭଳି ଅନେକ ଘଟଣା ଘଟିଥିବା ନେଇ ଅଞ୍ଚଳବାସୀ ଭୟଭୀତ ଅଛନ୍ତି। ଏହାକୁ ନେଇ ଶୁକ୍ରବାର ସରଗଜ ଗ୍ରାମପଞ୍ଚାୟତର ଯୁବଗୋଷ୍ଠୀ ଏକଜୁଟ୍ ହୋଇ ତରଭା ଥାନାକୁ ଆସି ଆଇଆଇସି ଅନିତା କିଟୋଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପଞ୍ଚାୟତବାସୀଙ୍କ କହିବା ଅନୁସାରେ ତରଭା ପୋଲିସ ଅପରେସନ ପ୍ରହାର ଚଳାଇ କେବଳ ଗଞ୍ଜେଇ ଧରିବାରେ ଦିନ ରାତି ବ୍ୟସ୍ତ ରହୁଛି। କିନ୍ତୁ ଲୋକଙ୍କ ଧନଜୀବନ ରକ୍ଷା ଯାହାକି ପୋଲିସ୍‌ର ଏହି ମୁଖ୍ୟ କର୍ତ୍ତବ୍ୟଟି ଭୁଲିଯାଇଛି। ତରଭା ପୋଲିସ ଲୋକଙ୍କୁ ସୁରକ୍ଷା ଦେବାରେ ଫେଲ ମାରିଛି ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଆଗାମୀ ଦିନରେ ଯଦି ପୋଲିସ ଚୋରି, ଡକାୟତି, ଲୁଟପାଟ, ନିଶା କାରବାର ରୋକିବାରେ ବିଫଳ ହୁଏ ତା'ହେଲେ ତୀବ୍ର ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓଲ୍ହାଇବୁ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶଥାଉ କି ପୂର୍ବରୁ ତରଭା ପୋଲିସ ତାର କାର୍ଯ୍ୟ ଦକ୍ଷତାକୁ ନେଇ ସର୍ବଭାରତୀୟ ସ୍ତରରେ ଚତୁର୍ଥ ସ୍ଥାନ ବଜାୟ ରଖି ପୁରସ୍କୃତ ହୋଇଥିଲା। ପୋଲିସର ନାଁ ଶୁଣିଲେ ଦୁର୍ବୃତ୍ତ ମାନେ ଛାନିଆ ହୋଇ ପଡୁଥିଲେ। କିନ୍ତୁ ବର୍ତ୍ତମାନର ପରିସ୍ଥିତି ଦେଖି ଜନସାଧାରଣ ମଧ୍ୟରେ ପୋଲିସ୍‌ର କାର୍ଯ୍ୟ କଳାପ ଉପରେ ସନ୍ଦେହ ଉପୁଜୁଛି ଭରଷା ତୁଟି ଯାଇଛି। ତରଭା ଅଞ୍ଚଳରେ ପୁନର୍ବାର ପୂର୍ବଭଳି ଶାନ୍ତି ଫେରାଇବା ନେଇ ଦକ୍ଷ ପୋଲିସ ଅଫିସର ଡିଆଇଜି ହିମାଂଶୁ ଲାଲ ଓ ରାଜ୍ୟର ଅନ୍ୟ ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ହସ୍ତକ୍ଷେପ ନିହାତି ଜରୁରୀ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟ ପକ୍ଷରେ ଦୀର୍ଘ ବର୍ଷରୁ ଜିଲ୍ଲାରେ ସହର ଓ ବ୍ଲକ ଅଞ୍ଚଳରେ ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ବଙ୍ଗାଳୀ ବିହାରୀ ବିଭିନ୍ନ ସମ୍ପ୍ରଦାୟ ର ବାହାର ରାଜ୍ୟର ଲୋକଙ୍କୁ ଜାଗା ଦେବା ପ୍ରଶ୍ରୟ ଦେବା, ତାଙ୍କୁ ପୋଲିସ ଚିହ୍ନଟ ନ କରିବା ଯୋଗୁଁ ଆଜି ଚୋରି ଡକାୟତି ଲୁଟତରାଜ ଘଟଣା ବହୁ ମାତ୍ରାରେ ବୃଦ୍ଧି ପାଇଥିବା ଦେଖାଦେଇଛି। ଯେଉଁଥିପାଇଁ କି ତଳସ୍ତରରୁ ଜିଲ୍ଲା ସ୍ତର ଯାଏ ଜନ ପ୍ରତିନିଧି ଓ ଜିଲ୍ଲା ପୋଲିସ ହିଁ ଦାୟୀ ବୋଲି ଜିଲ୍ଲା ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।



# ଭେନୁଗୋପାଲଙ୍କୁ ବିପୁଳ ସ୍ୱାଗତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସଂସଦର ପବ୍ଲିକ ଆକାଉଂଟ କମିଟିର ଅଧ୍ୟକ୍ଷ କେ ସି ଭେନୁଗୋପାଲଙ୍କ ନେତୃତ୍ୱରେ ଏକ ଷ୍ଟାଣ୍ଡିଙ୍ଗ କମିଟି ଓଡ଼ିଶାକୁ ୩ ଦିନିଆ ଗସ୍ତରେ ଆସି ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ପୁରୀରେ ହେବାକୁ ଥିବା ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ଶ୍ରୀ ବେଣୁଗୋପାଳ ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କମିଟିର ମୁଖ୍ୟ କାର୍ଯ୍ୟାଳୟ କଂଗ୍ରେସ ଭବନକୁ ରବିବାର ଅପରାହ୍ନ ୨ଟା ୩୦ରେ ଆସି ପ୍ରଥମେ ରାଜନୈତିକ ବ୍ୟାପାର କମିଟି ଓ ପରେ ପିସିସି କର୍ମକର୍ତ୍ତା, ସୃଜନ ପର୍ଯ୍ୟବେକ୍ଷକ, ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟାମାନଙ୍କୁ ଉଦବୋଧନ ଦେବେ। ସୂଚନାଯୋଗ୍ୟ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ପିଏସି ବୈଠକରେ ସାଂସଦ ଓ ସମସ୍ତ ବିଧାୟକ ମଧ୍ୟ ଯୋଗଦେବେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ପରବର୍ତ୍ତୀ ବୈଠକରେ ସମସ୍ତ କର୍ମକର୍ତ୍ତା, ସମସ୍ତ ଛାମୁଆ ସଂଗଠନ-ବିଭାଗ-ପ୍ରକୋଷ୍ଠର ମୁଖ୍ୟ ତଥା ସଦ୍ୟ ଅନୁଷ୍ଠିତ ସଂଗଠନ ସୃଜନ ଅଭିଯାନରେ ନିୟୋଜିତ ପ୍ରତି ଜିଲ୍ଲାର ୩ ପିସିସି ପର୍ଯ୍ୟବେକ୍ଷକ ଯୋଗ ଦେବେ। କୋଲକତା ଠାରେ ଅନୁରୂପ ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ଶ୍ରୀ ବେଣୁଗୋପାଳ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ପିସିସି ସଭାପତି ଶ୍ରୀଦାସ ଓ ଓଡ଼ିଶା ପ୍ରଭାରୀ ଶ୍ରୀ ଲଲ୍ଲୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଅନୁରୂପ ଭାବେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ବିଧାୟକ ରମେଶ ଜେନା, ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ସିଦ୍ଧାର୍ଥ ସ୍ୱରୂପ ଦାଶ, ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି ବାହିନୀପତି, ଅମରେଶ ପରିଡ଼ା, ଶ୍ରୀୟାସ୍ମିତା ପଣ୍ଡା ପ୍ରମୁଖ ମଧ୍ୟ ସ୍ୱାଗତ କରିଥିଲେ। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଯୁବ କଂଗ୍ରେସ କର୍ମୀମାନେ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।

## ବଜ୍ରପାତରେ ୩ ମହିଳା ମୃତ, ଜଣେ ଗୁରୁତର

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

କପା ଚାଷ ପାଇଁ କାମକରୁଥିବା ସମୟରେ ବଜ୍ରାଘାତ ହୋଇଛି। ଏଥିରେ ୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ରାୟଗଡ଼ା ବ୍ଲକ ବିଷ୍ଣୁଗୁଡ଼ା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁସାରେ ବିଷ୍ଣୁଗୁଡା ଗ୍ରାମର ସମ୍ବାରୀ ପିଡ଼ିକା (୪୫)ଙ୍କ ସମେତ ଅନ୍ୟମାନେ କପା ଚାଷ ପାଇଁ କାମ କରୁଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଆହତ ୪ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ସମ୍ବାରୀ ପିଡ଼ିକାଙ୍କ ବଡ଼ ଭଉଣୀ ପାଣ୍ଡେ ପିଡ଼ିକା ଗୁରୁତର ହୋଇ ଛନ୍ତି ଓ ତାଙ୍କର ଚିକିତ୍ସା ଜାରି ରହିଛି।

## ଚୋରା ମଦ ଜବତ ୫ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ, ଜମ୍ବୁ ମେରାଇନ ଓ ତାଣ୍ଡିଆପାଳ ମେରାଇନ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଅଠରବାଟିଆ ଗ୍ରାମର ଗୌତମ ମଲିକଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଅଳଭା ଗ୍ରାମର ପ୍ରମୋଦ ମଲିକଙ୍କ ଠାରୁ ୨୨ ଲିଟର ଦେଶୀ ମଦ, ମାଟିଆ ଗ୍ରାମର ସୁବାସ ମଲିକଙ୍କ ଠାରୁ ୧୯ଲିଟର ବିଦେଶୀ ମଦ, ପ୍ରଭାକରପୁର ଗ୍ରାମର ରଜତ ରାଉତଙ୍କ ଠାରୁ ୯୬୩ ଲିଟର ଦେଶୀ ରନ୍ଧା ମଦ ଓ ପ୍ରଭାକରପୁର ଗ୍ରାମର ଚୈତନ୍ୟ ରାଉତଙ୍କ ଠାରୁ ୨୧୨ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ୫ ଜଣଙ୍କୁ କୋର୍ଟଚାଲାଣ କରାଯିବା ସହ ସମୁଦାୟ ୧୨୪୮ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ମଦ ଜବତ କରାଯାଇଛି।

# ଆଇଜୋଲକୁ ଜାତୀୟ ରାଜଧାନୀ ଦିଲ୍ଲୀ, ଗୌହାଟି ଏବଂ କୋଲକାତା ସହିତ ସଂଯୋଗ କରିବା ପାଇଁ ତିନି ଯୋଡ଼ା ନୂତନ ଟ୍ରେନ୍ ସେବା

**ଗୌହାଟି**

ଭାରତୀୟ ରେଳବାଇ (ଆଇଆର) ଆଇଜୋଲର ସାୟରଙ୍ଗ ଷ୍ଟେସନରୁ ତିନୋଟି ନୂତନ ଟ୍ରେନ୍ ସେବା ଆରମ୍ଭ ହେବ। ଏହି ଟ୍ରେନ୍ ଗୁଡ଼ିକ ମିଜୋରାମ ରାଜଧାନୀର ଦେଶର ପ୍ରମୁଖ ସହରଗୁଡ଼ିକ ସହିତ ରେଳ ସଂଯୋଗକୁ ଆହୁରି ଉନ୍ନତ କରିବ। ଉତ୍ତର-ପୂର୍ବ ସୀମାନ୍ତ ରେଳବାଇ (ପୁସୀରେ)ର ସିପିଆରଓ କପିଞ୍ଜଲ କିଶୋର ଶର୍ମା କହିଛନ୍ତି ଯେ ତିନୋଟି ଟ୍ରେନର ପ୍ରଥମ ଐତିହାସିକ ଯାତ୍ରା ୧୩ ସେପ୍ଟେମ୍ବରରେ ହେବ, ଯାହା ପରେ ନିର୍ଦ୍ଧାରିତ ତାରିଖରୁ ନିୟମିତ ସେବା ଆରମ୍ଭ ହେବ। ଟ୍ରେନଗୁଡ଼ିକୁ ଆନୁଷ୍ଠାନିକ ପ୍ରଧାନମନ୍ତ୍ରୀ ଭାବରେ ଉଦ୍‌ଘାଟନ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା କରାଯିବ। ଏହା ମାଧ୍ୟମରେ ମିଜୋରାମ ରାଜ୍ୟ ମଧ୍ୟ ଭାରତୀୟ ରେଳବାଇ ମାଧ୍ୟମରେ ଭାରତର ଅନ୍ୟାନ୍ୟ ଅଂଶ ସହିତ ସମ୍ପୂର୍ଣ୍ଣ ଭାବରେ ସଂଯୋଗ ହେବ।

ନୂତନ ଟ୍ରେନ୍ ର ଉଦଘାଟନ ଏବଂ ନିୟମିତ ସେବା : ଟ୍ରେନ୍ ନମ୍ବର ୦୨୫୦୭ (ସାୟରଙ୍ଗ- ଆନନ୍ଦ ବିହାର ଟର୍ମିନାଲ) ଉଦ୍‌ଘାଟନୀ ରାଜଧାନୀ ଏକ୍ସପ୍ରେସ ୧୩ ସେପ୍ଟେମ୍ବର (ଶନିବାର) ସକାଳ ୧୦:୦୦ରେ ସାୟରଙ୍ଗ ଷ୍ଟେସନରୁ ବାହାରିବ ଏବଂ ୧୫ସେପ୍ଟେମ୍ବର (ସୋମବାର) ସକାଳ ୭:୩୦ରେ ଆନନ୍ଦ ବିହାର ଟର୍ମିନାଲରେ ପହଞ୍ଚିବ।ଶୁକ୍ରବାର ସାୟରଙ୍ଗରୁ ୪.୩୦ ସମୟରେ ଖୋଲିବ ଏବଂ ରବିବାର ଆନନ୍ଦ ବିହାର ଟର୍ମିନାଲ ୧୦.୫୦ ସମୟରେ ପହଞ୍ଚିବ। ସେହିପରି ରବିବାର ଆନନ୍ଦ ବିହାର ଟର୍ମିନାଲ ୧୦.୫୦ ସମୟରେ ଖୋଲିବ ଏବଂ ମଙ୍ଗଳବାର ସାୟରଙ୍ଗ ୩.୧୫ ସମୟରେ ପହଞ୍ଚିବ। ସେପ୍ଟେମ୍ବର ୨୧ ରୁ, ଟ୍ରେନ ନମ୍ବର ୨୦୫୦୮ (ଆନନ୍ଦ ବିହାର ଟର୍ମିନାଲ- ସାଇରଙ୍ଗ) ରାଜଧାନୀ ଏକ୍ସପ୍ରେସ ପ୍ରତି ରବିବାର ସନ୍ଧ୍ୟା ୧୯:୫୦ ରେ ଆନନ୍ଦ ବିହାର ଟର୍ମିନାଲରୁ ଛାଡ଼ି ମଙ୍ଗଳବାର ରାତି ୧୫:୧୫ ରେ ସାଇରଙ୍ଗରେ ପହଞ୍ଚିବ। ଏହି ଟ୍ରେନ ବାୟା ବଦରପୁର ଜଙ୍କସନ, ଗୁଓ୍ୱାହାଟୀ, ନ୍ୟୁ ଜଲପାଇଗୁଡ଼ି, ମାଲଦା ଟାଉନ୍, ଭାଗଲପୁର ଦେଇ ଚାଲିବ।

# ସରକାରୀ ଅର୍ଥ ଆତ୍ମସାତ୍ ମାମଲା ପିଇଓ ଗିରଫ : ଭିଜିଲାନ୍ସ ତଦନ୍ତ ଜାରି



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ପିଇଓକୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ସେ ହେଲେ ମୟୂରଭଞ୍ଜ ଜିଲ୍ଲାର ବିଜତଳା ବ୍ଲକ ଅନ୍ତର୍ଗତ ଲୁହାସିଲା ଗ୍ରାମ ପଞ୍ଚାୟତର ପୂର୍ବତନ ପିଇଓ ପୁଷ୍ପିତା ମହାକୁଡ଼। ସେ ବର୍ତ୍ତମାନ ରାଇରଙ୍ଗପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ବରିଷ୍ଠ ନାଗରିକଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ ହେଉଥିବା ପେନସନ ରାଶିକୁ ଆତ୍ମସାତ କରିଥିବାର ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରିଯାଇଥିବା ବେଳେ ପୁଷ୍ପିତା ୫,୬୮,୯୫୦ଟଙ୍କା ଆତ୍ମସାତ କରିଥିବା ନେଇ ଜାଣିବାକୁ ପାଇଥିଲେ। ପିଇଓ ଥିବା ସମୟରେ ବରିଷ୍ଠ ନାଗରିକଙ୍କୁ ପେନସନ ରାଶି ପ୍ରଦାନ ନକରି ମିଛ ଦସ୍ତଖତ କରି ତାହାକୁ ବାଟ ମାରଣା କରିଥିଲେ। ଏହାକୁ ନେଇ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ତାଙ୍କୁ ଗିରଫ କରାଯାଇଛି। ବାରିପଦା ସ୍ଥିତ ସତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟରେ ତାଙ୍କୁ ହାଜର କରାଯାଇଛି। ଏ ବାବଦରେ ବାଲେଶ୍ୱର ଭିଜିଲାନ୍ସ ସେଲରେ କେଶ ନମ୍ବର ୧୦/୨୦୨୫ରେ ଏକ ମାମଲା ରୁଜୁ କରି ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରଖିଛନ୍ତି।

# ଜିଲ୍ଲାପାଳଙ୍କ ଡିଜିଟାଲ୍ ଫସଲ ସର୍ଭେ ଓ ସାର ବିକ୍ରୟର ତଦାରଖ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଏକ ଚାଷୀ ବହୁଳ ଜିଲ୍ଲା ହୋଇଥିବାରୁ ଜିଲ୍ଲାରେ ଚାଷକାର୍ଯ୍ୟକୁ ଆଗେଇନେବା ପାଇଁ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ଦେବା ପାଇଁ ଜିଲ୍ଲାପାଳ ରଘୁରାମ୍ ଆର୍.ଆଇ.ଆର୍ ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସହିତ ଯୋଗାଯୋଗ ରଖି ସମସ୍ତ କାର୍ଯ୍ୟ ନିଜେ ତଦାରଖ କରୁଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର୍.ଆଇ.ଆର୍ ବିଭିନ୍ନ ପ୍ୟାକ୍ସ ପରିଦର୍ଶନ କରି ଚାଷୀମାନଙ୍କୁ ସାର ବଣ୍ଟନର ସମସ୍ତ ପ୍ରକାର କାର୍ଯ୍ୟକ୍ରମକୁ ଦେଖିବା ସହ ଜିଲ୍ଲାର ସାର ବିତରକମାନଙ୍କ ସହିତ ଅଲୋଲଚନା କରିଥିଲେ। ଏହି ଆଲୋଚନାରେ ବିତରକମାନଙ୍କୁ ଚାଷୀମାନେ ଯେଭଳି ସାରକୁ ସହଜରେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ପାଇପାରିବେ ସେଥିପ୍ରତି ପୁଙ୍ଖାନୁପୁଙ୍ଖ ।ଭବେ ଅଲୋଚନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ-ଚୀନ ଉପରେ ...

କାର୍ଯ୍ୟକ୍ରମ ରହିଥିଲା। ଆମେରିକାର ଟ୍ରେଜେରୀ ବିଭାଗ ପକ୍ଷରୁ କୁହାଯାଇଛି ଯେ, 'ଚୀନ ଏବଂ ଭାରତ ରୁଷରୁ ତେଲ କିଣି ପୁଟିନଙ୍କ ଯୁଦ୍ଧ ଯନ୍ତ୍ରକୁ ପାଣ୍ଠି ଯୋଗାଉଛନ୍ତି, ଯାହା ନିର୍ଦ୍ଦୋଷ ୟୁକ୍ରେନୀୟ ଲୋକଙ୍କ ମୃତ୍ୟୁସଂଖ୍ୟା ବଢ଼ାଉଛି। ଏହି ସପ୍ତାହ ଆରମ୍ଭରେ, ଆମେ ଆମର ୟୁରୋପୀୟ ସଂଘର ସହଯୋଗୀମାନଙ୍କୁ ସ୍ପଷ୍ଟ କରିଦେଇଛୁ ଯେ, ଯଦି ସେମାନେ ନିଜ ଘର ପଛପଟେ ଚାଲିଥିବା ଯୁଦ୍ଧ ସମାପ୍ତ କରିବା ପାଇଁ ଚାହାନ୍ତି, ତେବେ ସେମାନଙ୍କୁ ଆମ ସହିତ ସାମିଲ ହୋଇ ଅର୍ଥପୂର୍ଣ୍ଣ ଶୁଳ୍କ ଲାଗୁ କରିବାକୁ ହେବ। ଯୁଦ୍ଧ ଶେଷ ହେବା ଦିନ ହିଁ ଲଗାଯାଇଥିବା ଶୁଳ୍କ ପ୍ରତ୍ୟାହାର କରାଯିବ।'

## ଭାରତ ଆଗକୁ ...

ଉପରେ ଭାରୀ ଶୁଳ୍କ ଲଗାଯାଇଛି । କାରଣ ଆମ ଦେଶର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଏହା ଦେଖି ସେମାନେ ଭୟ କରୁଛନ୍ତି। ଆମେ ଆଗକୁ ବଢ଼ିଗଲେ ସେମାନଙ୍କର କ'ଣ ହେବ ବୋଲି ଭାବି ଏଭଳି ପଦକ୍ଷେପ ନେଉଛନ୍ତି। ଶୁକ୍ରବାର ଦିନ ମୋହନ ଭାଗବତ କହିଛନ୍ତି ଯେ, 'ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବା ପର୍ଯ୍ୟନ୍ତ ସମସ୍ୟାର ସମ୍ମୁଖୀନ ହେବେ।' ନାଗପୁରରେ ବ୍ରହ୍ମା କୁମାରୀ ବିଶ୍ୱ ଶାନ୍ତି ସରୋବରର ୭ମ ପ୍ରତିଷ୍ଠା ଦିବସରେ ଭାଷଣ ଦେଇ ଭାଗବତ କହିଛନ୍ତି ଯେ, 'ମହିଳାମାନଙ୍କ ନେତୃତ୍ୱାଧୀନ ବ୍ରହ୍ମା କୁମାରୀମାନଙ୍କ ପରି, ଆରଏସଏସ ମଧ୍ୟ ଆନ୍ତରିକ ଚେତନା ଜାଗ୍ରତ କରିବା ପାଇଁ କାମ କରେ। ଯେପର୍ଯ୍ୟନ୍ତ ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବେ, ସେପର୍ଯ୍ୟନ୍ତ ସେମାନେ ସମସ୍ୟାର ସମ୍ମୁଖୀନ ହେବେ। ଯଦି ଆମେ କରୁଣା ଦେଖାଇବା ଏବଂ ଭୟକୁ ଦୂର କରିବା ତେବେ ଆମର କୌଣସି ଶତ୍ରୁ ରହିବେ ନାହିଁ।' ସେ ଆହୁରି କହିଛନ୍ତି, 'ବିଶ୍ୱରେ ଲୋକମାନେ ଭୟ କରୁଛନ୍ତି ଯେ, ଯଦି ଭାରତ ଆଗକୁ ବଢ଼ିଯାଏ ତେବେ ସେମାନଙ୍କର ସ୍ଥାନ ହ୍ରାସ ପାଇବ। ତୁମେମାନେ ଆମଠାରୁ ସାତ ସମୁଦ୍ର ଦୂରରେ। ସେଭଳି କିଛି ସଂଯୋଗ ନାହିଁ। ତଥାପି ତୁମମାନଙ୍କ ମନରେ ଏତେ ଭୟ ରହିଛି।'

## ନେପାଳ ହିଂସା...

କର୍ଫ୍ୟୁ କୋହଳ ପରେ ଭାରତ ନେପାଳ ସୀମାରେ ଥିବା ଚେକପୋଷ୍ଟରେ ଲୋକଙ୍କୁ ଯାଞ୍ଚ କରି ଛଡାଯାଉଛି । ସେପଟେ ଦେଶର ନିରପତ୍ତା ଓ ଶାନ୍ତି ପାଇଁ ନେପାଳ ସେନା ପକ୍ଷରୁ ଜାରି ରହିଛି ପ୍ରୟାସ । ନେପାଳରେ ଜେନ୍- ଜେଡ୍ ଯୁବକଗୋଷ୍ଠୀଙ୍କ ଆନ୍ଦୋଳନ ଫଳରେ ପି.କେ ଶର୍ମା ଓଲିଙ୍କ ସରକାର ଭାଙ୍ଗି ଯାଇଛି । ଆନ୍ଦୋଳନ ଥମିଥିବା ବେଳେ ଏବେ ଅନ୍ତରୀଣ ସରକାର ଗଠନ ପାଇଁ କିଏ ନେତୃତ୍ୱ ନେବେ ସେନେଇ ଚାଲିଛି ଆଲୋଚନା ଓ ବୈଠକ । ଏହାରି ଭିତରେ ଦେଶର ପ୍ରମୁଖ ସହରରେ କର୍ଫ୍ୟୁକୁ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଛି । କାଠମାଣ୍ଡୁରେ ବଜାରଗୁଡ଼ିକ ସାମୟିକ ଭାବେ ଖୋଲିଛି । କିନ୍ତୁ ସରକାରୀ ଯାନବାହନ ଚଳାଚଳ ବନ୍ଦ ରହିଛି। ଏବେ ସ୍ଥିତି ନିୟନ୍ତ୍ରଣ କରୁଛନ୍ତି ସେନା । ସେପଟେ ଜେଲରୁ ପଳାଇଥିବା କଏଦୀଙ୍କୁ ବାନ୍ଧି ଜେଲକୁ ଫେରାଇ ଅଣାଯାଇଥିବା ସୂଚନା ମିଳିଛି ।

## ପ୍ରଫୁଲ୍ଲ ମଲ୍ଲିକ ...

ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବି ଦଳ ବିରୋଧରେ ନିୟମିତଭାବେ ଅସନ୍ତୋଷ ଝାଡ଼ି ଚାଲିଥିଲେ। ବିଜେଡି ଠିକ୍ ଭାବେ ବିରୋଧୀ ଦଳର ଭୂମିକା ନିର୍ବାହ କରୁନି ବୋଲି ସେ ରୋକଠୋକ୍ କହିଥିଲେ।

## ଆଇଏଏସ୍ ...

ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅଞ୍ଜନା ପଣ୍ଡା ଆୟୁଷ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି । ପ୍ରେମଜିତ୍ ନାୟକ ଏସଟି/ଏସସି ଓ ପଛୁଆବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ, ପି ଅନ୍ୱେଷା ରେଡ୍ଡୀଙ୍କୁ ଆଇଜିଆର କଟକର ଅତିରିକ୍ତ ଦାୟିତ୍ୱ ମିଳିଛି।

## ବଢ଼ିଲା ଖୁଚୁରା...

ମୁଦ୍ରାସ୍ଫୀତିରେ ବୃଦ୍ଧି ହୋଇଛି। ଗ୍ରାମାଞ୍ଚଳର ମୋଟ ମୁଦ୍ରାସ୍ଫୀତି ୧.୧୮%ରୁ ୧.୬୯%କୁ ବୃଦ୍ଧି ପାଇଛି। ଦେଶର ଖାଦ୍ୟ ମୁଦ୍ରାସ୍ଫୀତିରେ ସୁଧାର ଆସିଛି। ଖାଦ୍ୟ ମୁଦ୍ରାସ୍ଫୀତି ବିୟୁକ୍ତ ୧.୭୪%ରୁ ବିୟୁକ୍ତ ୦.୭୦%ରେ ପହଞ୍ଚିଛି। ସହରାଞ୍ଚଳରେ ମୁଦ୍ରାସ୍ଫୀତି ଅଗଷ୍ଟରେ ଅଧିକ ରହିଥିଲା। ଜୁଲାଇରେ ସହରାଞ୍ଚଳର ମୁଦ୍ରାସ୍ଫୀତି ୨.୧୦% ରହିଥିବା ବେଳେ ଅଗଷ୍ଟରେ ଏହା ୨.୪୭%ରେ ପହଞ୍ଚି ଯାଇଛି। ଏଠାରେ ଖାଦ୍ୟ ମୁଦ୍ରାସ୍ଫୀତି ଗତ ମାସରେ ବିୟୁକ୍ତ ୧.୯୦% ରହିଥିବା ବେଳେ ଅଗଷ୍ଟରେ ଏହା ବିୟୁକ୍ତ ୦.୫୮% ରହିଛି। ବିଭିନ୍ନ କ୍ଷେତ୍ରର ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ଅଗଷ୍ଟରେ ମିଶ୍ରିତ ଫଳ ମିଳିଛି। ହାଉସିଂ ଦର ୩.୦୯%କୁ ବଢିଛି। ଶିକ୍ଷା କ୍ଷେତ୍ରର ଖର୍ଚ୍ଚ ୪.୧୧%ରୁ ୩.୦୬%କୁ ହ୍ରାସ ପାଇଛି। ସ୍ୱାସ୍ଥ୍ୟ ମୁଦ୍ରାସ୍ଫୀତି ୪.୫୭%ରୁ ୪.୪୦%କୁ ଖସିଛି।

## ଘଟଗାଁ ମା' ତାରିଣୀଙ୍କ ପୀଠରେ ଆରମ୍ଭ ହେବ ବ୍ରେଷ୍ଟ୍ ଫିଡିଂ ସେଣ୍ଟର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ଘଟଗାଁ ସ୍ଥିତ ମା' ତାରିଣୀଙ୍କ ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ଆମ ସରକାର ବଦ୍ଧ ପରିକର ବୋଲି ମା' ତାରିଣୀଙ୍କ ଦର୍ଶନ ପରେ କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି ଏବେ ପୁରୀର ଶ୍ରୀମନ୍ଦିର ପରି ମା' ତାରିଣୀଙ୍କ ପୀଠକୁ ବହୁ ସଂଖ୍ୟାରେ ଦର୍ଶନ ପାଇଁ ଆସୁଥିବା ମା'ମାନଙ୍କ ସୁବିଧା ପାଇଁ 'ବ୍ରେଷ୍ଟ୍ ଫିଡିଂ ସେଣ୍ଟର' ବ୍ୟବସ୍ଥା ଆରମ୍ଭ କରାଯିବ। ଏଠାରେ ମା'ମାନେ ସୁବିଧାରେ ଏବଂ ସୁରକ୍ଷିତ ଭାବେ ଶିଶୁମାନଙ୍କୁ ସ୍ତନ୍ୟପାନ କରାଇପାରିବେ।

## ମହିଳା ଟ୍ରାଫିକ କନେଷ୍ଟବଳ ନିଖୋଜ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ଟ୍ରାଫିକ -୨ରେ କାର୍ଯ୍ୟରତ ମହିଳା କନେଷ୍ଟ ବଳ ଶୁଭମିତ୍ରା ସାହୁ ନିଖୋଜ ନେଇ ଅଭିଯୋଗ ହୋଇଛି। ସୂର୍ଯ୍ୟନଗରରୁ ନିଖୋଜ ଥିବା ନେଇ ପରିବାର ଲୋକ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଗତ ୬ତାରିଖରୁ ନିଖୋଜ ଅଛନ୍ତି ଶୁଭମିତ୍ରା। ହେଲେ କମିଶନରେଟ ପୋଲିସ ପକ୍ଷରୁ କୌଣସି ସୂଚନା ପରିବାର ଲୋକଙ୍କୁ ଦିଆଯାଇନଥିବା ଅଭିଯୋଗ ହୋଇଛି।

n-152
ସମଗ୍ର ଶିକ୍ଷା Samagra Shiksha
DISTRICT PROJECT OFFICE, SAMAGRA SHIKSHA, MAYURBHANJ
Murgabadi, PO-Bhanjpur, Baripada, Pin-757002, E-mail: dpcmayurssa.opepa@nic.in
Notice No: 4207 Date: 12.9.2025
In pursuance to the advertisement no. 878 dtd.04.3.2024 & Corrigendum No.1818 dtd.02.7.2024, the short list of candidates for the engagement of Warden, Accountant, Part time Teacher (Science & Mathematics), Part time Teacher (English) & Part time Teacher (Sanskrit/Hindi) in Kasturaba Gandhi Balika Vidyalayas (Type-III) under Mayurbhanj District have been hosted in the website www.mayurbhanj.odisha.gov.in & www.opepa.odisha.gov.in for the information of candidates. The candidates find place in the Short list are required to appear original certificate verification of all category posts, Computer skill test for the post of Accountant & Interview for the post of Warden scheduled to be held on dt.24.9.2025 at 10.00 AM at D.I.E.T, Murgabadi, Baripada . The case of the candidates who will not attend the certificate verification & test as per the above schedule shall not be considered for final merit list.
By order of the Collector-cum-Chairman,
Sd/- DEO cum District Project Coordinator
Samagra Shiksha, Mayubhanj
OIPR-27140/11/0013/2526

A-612
GOVERNMENT OF ODISHA
OFFICE OF THE SUPERINTENDING ENGINEER M.I.DIVISION GANJAM NO-I,BERHAMPUR
E-PROCUREMENT NOTICE
Bid Identification No. : Online Tender/03/GMID-I/2025-26

| | | |
|---|---|---|
| Name of Work | : | Civil Construction Works. |
| No of Work | : | 02 (Two) |
| Estimated Cost | : | Varies from Rs 26.00 lakh to Rs. 30.00 lakh |
| Period of Completion | : | 06 (Six) Calendar Month |
| Availability of Bid-document for sale and receipt through online | : | From 15.09.2025 at 10.00 Hours to 24.09.2025 upto 17:00 Hours |
| Date & time of opening of bids | : | 25.09.2025 At 11.00 Hours |
| Name & Address of the Officer inviting Tender. | : | Superintending Engineer, M.I. Division Ganjam-I, Berhampur. |

Further Details can be seen from the website:https://www.tendersodisha.gov.in.Any Addendum / Corrigendum / Cancellation of can also be seen in the said website.
Sd/- Superintending Engineer,
M.I. Divn. Ganjam-I, Berhampur
OIPR-32104/11/0042/2526

E_mail: eerwkesinga@yahoo.com
O-765
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KESINGA
No. 2 Date 01.09.2025
*Corrigendum to Identification Online Tender:* RWKSNG-online-02/25-26
Due to some unavoidable circumanstance the Tender on-line is hereby Cancelled.
Sd/- Superintending Engineer
Rural Works Division, Kesinga
OIPR-25153/11/0018/2526

ଭୁବନେଶ୍ୱର
୧୩ ସେପ୍ଟେମ୍ବର, ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. : BN/60/25-27

# ଗିରଫ ହେଲେ ଲାଞ୍ଚୁଆ ତହସିଲଦାର

**ଭୁବନେଶ୍ୱର, ୧୨।୯**
**ନ୍ୟୁଜ୍‌ବ୍ୟୁରୋ**

ଓଏଏସ ଟପ୍ପର ଲାଞ୍ଚୁଆ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡାଙ୍କୁ ଗିରଫ କରିଛି ଭିଜିଲାନ୍ସ। ଜମିର କିସମ ପରିବର୍ତ୍ତନ ପାଇଁ ଏକ ମ୍ୟୁଟେସନ କେସରେ ଜମି ମାଲିକଙ୍କଠାରୁ ଲାଞ୍ଚ ନେବା ଘଟଣାରେ ଭିଜିଲାନ୍ସ ତାଙ୍କୁ ବାନ୍ଧିଛି। ଅଶ୍ୱିନୀ ୨୦୧୯ ବ୍ୟାଚର ଓଏଏସ ଟପ୍ପର ହୋଇଥିଲାବେଳେ ସେ ସମ୍ବଲପୁର ଜିଲ୍ଲା ବାମରା ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ନିଜ ଡ୍ରାଇଭରଙ୍କ ଜରିଆରେ ଜଣେ ଜମି ମାଲିକଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।



ସୂଚନା ଅନୁସାରେ, ଏକ ଚାଷ ଜମିକୁ ଆବାସିକ ଜମିରେ ବଦଳାଇବା ପାଇଁ ମ୍ୟୁଟେସନ କେସରେ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ଅଶ୍ୱିନୀ। ୨୦ ହଜାର ଟଙ୍କା ଦେଇପାରିବେ ନାହିଁ ବୋଲି ଅଭିଯୋଗକାରୀ କହିବା ପରେ ତହସିଲଦାର ୧୫ ହଜାର ଟଙ୍କା ଦେବାକୁ କହିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଅଭିଯୋଗକାରୀ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ତହସିଲଦାରଙ୍କ ଡ୍ରାଇଭର ପି. ପ୍ରବୀଣ କୁମାର ଲାଞ୍ଚ ଅର୍ଥ ଗ୍ରହଣ କରିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।

ଏହା ପରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ପଣ୍ଡାଙ୍କ ବିଭିନ୍ନ ଠିକଣାରେ ଚଢ଼ଉ କରିଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳର ଯାଞ୍ଚ କରୁଛି ଭିଜିଲାନ୍ସ। ଭୁବନେଶ୍ୱରରେ ଥିବା ଶ୍ରୀ ପଣ୍ଡାଙ୍କ ଆବାସିକ ଘରୁ ଭିଜିଲାନ୍ସ ଅଧିକାରୀମାନେ ୪ ଲକ୍ଷ ୭୩ ହଜାର ଟଙ୍କା ଜବତ କରିଛନ୍ତି। ବିଳମ୍ବିତ ରାତି ସୁଦ୍ଧା ଚଢ଼ଉ ଜାରି ରହିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଭିଜିଲାନ୍ସ କୋର୍ଟରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।



ଭୁବନେଶ୍ୱର : ମା' ଦୁର୍ଗାଙ୍କୁ ସ୍ୱାଗତ ନିମନ୍ତେ କାଶତଣ୍ଡି ଫୁଲରେ ସଜେଇ ହେଉଛି ଧରଣୀ ରାଣୀ। (ଫଟୋ : ସମ୍ବାଦ କଳିକା)

## ଭାରତୀୟ ଲ' କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଦିନେଶ ମହାଶ୍ୱେରୀଙ୍କ ଦ୍ୱାରା

# ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତା ଉଦ୍‌ଘାଟିତ

**ଭୁବନେଶ୍ୱର, ୧୨।୯**
**ନ୍ୟୁଜ୍‌ବ୍ୟୁରୋ**

ଭାରତର ୨୩ତମ ଭାରତୀୟ ବିଧି ଆୟୋଗ ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦିନେଶ ମାହେଶ୍ୱରୀଙ୍କ ଦ୍ୱାରା କିଟ୍ ଲ' ସ୍କୁଲରେ ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ତିନି ଦିନ ଧରି ଚାଲିବାକୁ ଥିବା ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ମାହେଶ୍ୱରୀ କହିଲେ, ଆଇନ୍ ଛାତ୍ରଛାତ୍ରୀମାନେ ସର୍ବଦା ସେମାନଙ୍କ ବୃତ୍ତିରେ ଉତ୍କର୍ଷତା ବଜାୟ ରଖିବା ଉଚିତ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ଆଇନ୍ ଶିକ୍ଷାଲାଭ ସମୟରେ ଛାତ୍ରଛାତ୍ରୀଙ୍କୁ ମୁଟ୍ କୋର୍ଟ ପ୍ରତିଯୋଗିତାର ଯଥେଷ୍ଟ ଆବଶ୍ୟକତା ରହିଛି। ଆରବିଟ୍ରେସନ୍ ଆଜି କେବଳ ଏକ ବିକଳ୍ପ ବିବାଦ ସମାଧାନର ବ୍ୟବସ୍ଥା ହୋଇନାହିଁ, ଏହା ଆଇନଗତ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି ବୋଲି ସେ କହିଥିଲେ। ସର୍ବଦା ସ୍ୱଷ୍ଟବାଦୀ, ସଠିକତା ଏବଂ ସମାଲୋଚନାମୂଳକ ଚିନ୍ତାଧାରା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ ସ୍ୱଷ୍ଟ ହେବାକୁ ଶିଖନ୍ତୁ, ପ୍ରଶ୍ନ ପଚାରି ଚାଲନ୍ତୁ, ସେମାନଙ୍କ ପାଇଁ ସଫଳତା ନିଶ୍ଚିତ ଆସିବ ବୋଲି ସେ କହିଥିଲେ। ଏହି ଅବସରରେ ସେ କୋର୍ଟ କାର୍ଯ୍ୟକଳାପରେ ନିଜକୁ ସଂପୂର୍ଣ୍ଣ ଭାବରେ ପ୍ରତିବଦ୍ଧ କରିବା ସହ ବିଶ୍ୱାସ ସୃଷ୍ଟି କରିବା ଏବଂ ଜଟିଳ ସୂଚନାରୁ ଅର୍ଥ ବାହାର କରିବାର କ୍ଷମତା ବିକଶିତ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଭଳି କାର୍ଯ୍ୟ ପାଇଁ ମୁଟ୍ କୋର୍ଟ ନିଶ୍ଚିତ ଭାବେ ସହାୟକ ହୋଇଥାଏ ବୋଲି ସେ କହିଥିଲେ।

ଜଷ୍ଟିସ୍ ମାହେଶ୍ୱରୀଙ୍କ ଦୁଇ ଦିନିଆ କିଟ୍ ଓ କିସ୍ ଗସ୍ତ ଅବସରରେ ଶୁକ୍ରବାର କିଟ୍‌ର ସମସ୍ତ କ୍ୟାମ୍ପସ ଓ କିସ୍‌ର ସମସ୍ତ ୟୁନିଟ୍ ପରିଦର୍ଶନ କରି କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଜଷ୍ଟିସ୍ ମାହେଶ୍ୱରୀ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିବା ସହ ତାଙ୍କର ଇଣ୍ଡିଆ ଏଗେନ୍‌ଷ୍ଟ ନେଗେଟିଭିଟି ଦର୍ଶନର ଉଦାହରଣ ଦେଇ କହିଲେ, ସଫଳତା ପାଇବାକୁ ହେଲେ ନକାରାତ୍ମକତା ବିରୋଧରେ ଏକାଠି ହେବାକୁ ପଡ଼ିବ।

କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠାର ସହିତ ଆଇନ ପାଠ ପଢିବାକୁ ଉତ୍ସାହିତ କରି କହିଲେ, ଆଇନ ଏକ କଷ୍ଟକର ବୃତ୍ତି। ଏହି ବୃତ୍ତିରେ ସଫଳତା ପାଇବାକୁ ହେଲେ ଆଇନ୍ ଛାତ୍ରଛାତ୍ରୀ ଦିନକୁ ୨୦ ଘଣ୍ଟା ପରିଶ୍ରମ କରିବାକୁ ପଡ଼ିବ। ପ୍ରଫେସର ଏମେରିଟସ୍ ଏନ. ଏଲ୍. ମିତ୍ର ମୁଟ୍ କୋର୍ଟର ଇତିହାସ ଉପରେ ଆଲୋଚନା କରିଥିଲେ। ୧୯ଶ ଶତାବ୍ଦୀର ଶେଷ ଭାଗରେ ମୁଟ୍ କୋର୍ଟର ଉତ୍ପତ୍ତି ଏବଂ ୧୯୬୦ ଦଶକରେ ଆରବିଟ୍ରେସନ୍ ମାମଲାଗୁଡ଼ିକର ଅଭ୍ୟୁଦୟ ହୋଇଥିବା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ. ଡି. ଏବଂ କିଟ୍ ଲ' ସ୍କୁଲ ନିର୍ଦ୍ଦେଶକ ପ୍ରଫେସର ରୋଜ୍ ଭାର୍ଗୀଜ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ସୂଚନାଯୋଗ୍ୟ, କିଟ୍ ଲ' ସ୍କୁଲ୍‌ର ଦେଶର ପ୍ରତିଷ୍ଠିତ ଆଇନ ବିଦ୍ୟାଳୟ ମଧ୍ୟରୁ ଅନ୍ୟତମ। କିଟ୍ ଲ' ସ୍କୁଲ୍ ଛାତ୍ରଛାତ୍ରୀମାନେ ତିନିତିନି ଥର ବିସିଆଇ ଜାତୀୟ ମୁଟ୍ କୋର୍ଟ ପ୍ରତିଯୋଗିତା ଜିତି ସମଗ୍ର ଦେଶରେ ଇତିହାସ ସୃଷ୍ଟି କରିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ ମୁଟ୍ କୋର୍ଟ ପ୍ରତିଯୋଗିତାରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରି କିଟ୍ ଦେଶର ଅଗ୍ରଣୀ ଲ' ସ୍କୁଲ୍ ହେବାର ଗୌରବ ଅର୍ଜନ କରିଛି। କିଟ୍ ଲ' ସ୍କୁଲ୍ ଦ୍ୱାରା ଆୟୋଜିତ ଏହି ପ୍ରଥମ ଇଣ୍ଟରନ୍ୟାସନାଲ ମୁଟ୍ କୋର୍ଟ ସଂସ୍କରଣରେ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ସମେତ ୫୪ରୁ ଅଧିକ ଦଳ ଅଂଶଗ୍ରହଣ କରିଛନ୍ତି।

## ଏକାଦଶ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଞ୍ଚଳିକ ସମ୍ମିଳନୀ

# ବିତର୍କ ଓ ଆଲୋଚନା ହେଉଛି ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳମନ୍ତ୍ର : ବାଚସ୍ପତି




**ଭୁବନେଶ୍ୱର, ୧୨।୯ :ନ୍ୟୁଜ୍‌ବ୍ୟୁରୋ**

କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଆୟୋଜିତ ଏକାଦଶ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ 'ବିଧାନସଭା ଗୃହରେ ବିତର୍କ ଓ ଆଲୋଚନା : ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସଭାଜନରେ ସହାୟକ' ଶୀର୍ଷକ ଆଲୋଚନାରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ବିଧାନସଭା ହେଉଛି ଗଣତନ୍ତ୍ରର କେନ୍ଦ୍ର, ପବିତ୍ର ସ୍ଥାନ, ଯେଉଁଠାରେ ଜନସାଧାରଣଙ୍କ ଆଶା, ଆକାଂକ୍ଷା ଓ ସମସ୍ୟାର ସମାଧାନ ଓ ଏହାର ନିରାକରଣ ସମ୍ଭବ ହୋଇଥାଏ। ବିତର୍କ ମାଧ୍ୟମରେ ସହମତି ପ୍ରକାଶ ପାଏ, ସଂଶୋଧନ ହୁଏ ଓ ଏଠାରେ ସାଧାରଣ ଲୋକଙ୍କର ସ୍ୱର ପ୍ରତିଫଳିତ ହୁଏ। ସଂସଦୀୟ ପରମ୍ପରାରେ ବିତର୍କ ଓ ଆଲୋଚନା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଗଣତନ୍ତ୍ରର ଜୀବନରେଖା। ଜନପ୍ରତିନିଧିମାନଙ୍କର ଉତ୍ତରଦାୟିତ୍ୱବୋଧ ଏଥିରେ ପ୍ରତିଫଳିତ ହୋଇଥାଏ।

ବାଚସ୍ପତି ଶ୍ରୀମତୀ ପାଢ଼ୀ ପୁଣି କହିଛନ୍ତି ଯେ ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ବିଧାନସଭାରେ ବିଭିନ୍ନ ବିଷୟରେ ଦୀର୍ଘ ସମୟ ଧରି ବିତର୍କ ହୋଇଛି। ୨୦୦୩ ମସିହାରେ ଓଡ଼ିଶା ସହରାଞ୍ଚଳ ପୋଲିସ ବିଲ୍ ଉପରେ ୬ ଘଣ୍ଟା ଧରି ଆଲୋଚନା ହୋଇଥିବାବେଳେ ଏହି ନିକଟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୪ ଉପରେ ରାତିସାରା ବିତର୍କ ଜାରି ରହିଥିଲା। ଏହି ବିତର୍କଗୁଡ଼ିକ ଆମର ଭାବପ୍ରବଣତା ସହିତ ବିଷୟର ଗମ୍ଭୀରତା ଏବଂ ନିଷ୍ପତ୍ତିରେ ପହଞ୍ଚିବା ପୂର୍ବରୁ ଧୈର୍ଯ୍ୟର ସହ ଚିନ୍ତନର ପ୍ରତିଶ୍ରୁତିବଦ୍ଧତାକୁ ପ୍ରମାଣିତ କରିଥାଏ। ଓଡ଼ିଶା ଚଳିତ ବିଧାନସଭାରେ ୬୨ଟି ବୈଠକ ଦିବସ ପରିଚାଳନା କରିବାର ରେକର୍ଡ ମଧ୍ୟ ସ୍ଥାପନ କରିଛି, ଯାହାକି ଜାତୀୟ ହାରଠାରୁ ବହୁତ ଅଧିକ।

୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ଶ୍ରୀ ହରିବଂଶ, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧରମେୟା, ବାଚସ୍ପତି ୟୁ. ଟି, ଖାଦେର ଫରିଦ୍, ବିଭିନ୍ନ ରାଜ୍ୟର ବାଚସ୍ପତି ଓ ଉପବାଚସ୍ପତି ଯୋଗଦେଇଛନ୍ତି।

ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା ସମ୍ମିଳନୀ ଅବସରରେ ଅନୁଷ୍ଠିତ ବିଭିନ୍ନ ଅଧିବେଶନରେ ଅଧ୍ୟକ୍ଷତା କରିବା ପାଇଁ ୫ଟି ରାଜ୍ୟର ବାଚସ୍ପତିଙ୍କୁ ମନୋନୀତ କରିଥିବାବେଳେ ସେଥି ମଧ୍ୟରେ ଓଡ଼ିଶାର ବାଚସ୍ପତି ଶ୍ରୀମତୀ ପାଢ଼ୀ ସ୍ଥାନିତ ହେବା ଓଡ଼ିଶା ପାଇଁ ଗୌରବର ବିଷୟ।

## ନେପାଳରେ ଭାରତୀୟ ପର୍ଯ୍ୟଟକ ବସ୍‌କୁ ଆକ୍ରମଣ ଓ ଲୁଟ୍

**ନୂଆଦିଲ୍ଲୀ, ୧୨।୯**

କ୍ଷମତା ପରିବର୍ତ୍ତନ ସତ୍ତ୍ୱେ ନେପାଳରେ ଅଶାନ୍ତ ବାତାବରଣ ଜାରି ରହିଥିବା ବେଳେ ଜନତାଙ୍କ ଆକ୍ରୋଶର ଶିକାର ହୋଇଛି ଏକ ଭାରତୀୟ ପର୍ଯ୍ୟଟକ ବସ୍। ଉତ୍ତ୍ୟକ୍ତ ଲୋକମାନେ ଭାରତୀୟ ବସ୍‌କୁ ଆକ୍ରମଣ କରିଛନ୍ତି। ବସ୍‌ରେ ଥିବା ପର୍ଯ୍ୟଟକମାନଙ୍କୁ ମାଡ଼ ମାରିବା ସହିତ ସେମାନଙ୍କଠାରୁ ଲୁଟ୍‌ପାଟ୍ କରିଛନ୍ତି।

ଆନ୍ଧ୍ରପ୍ରଦେଶର କିଛି ପର୍ଯ୍ୟଟକ ଏକ ବସ୍ ଯୋଗେ ନେପାଳ ବୁଲିବାକୁ ଯାଇଥିଲେ। କାଠମାଣ୍ଡୁ ନିକଟରେ ଉତ୍ତ୍ୟକ୍ତ ଲୋକମାନେ ବସ୍‌କୁ ଆକ୍ରମଣ କରି ଲୁଟ୍‌ପାଟ୍ କରିଥିଲେ। ଆକ୍ରମଣରେ ଅନେକ ପର୍ଯ୍ୟଟକ ଆହତ ହୋଇଥିବା ସୂଚନା ମିଳିଛି। ପର୍ଯ୍ୟଟକମାନେ କାଠମାଣ୍ଡୁସ୍ଥିତ ପଶୁପତିନାଥ ମନ୍ଦିର ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଏହି ଘଟଣା ଘଟିଥିଲା। ପର୍ଯ୍ୟଟକମାନଙ୍କ ବ୍ୟାଗ, ଫୋନ ଏବଂ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଭାରତ ସରକାର ଏହି ଘଟଣାରେ ହସ୍ତକ୍ଷେପ କରି ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରି ବିମାନ ଯୋଗେ ଭାରତ ଫେରାଇ ଆଣିବାକୁ ଯୋଜନା କରିଥିବା ସୂଚନା ମିଳିଛି।

# ପୂର୍ବତନ ଟ୍ରେଜେରୀ ନିୟନ୍ତ୍ରକ ସୁବ୍ରତ ସେନାପତିଙ୍କ ପରଲୋକ



ଫାଇଲ ଫଟୋ

**ଭୁବନେଶ୍ୱର, ୧୨।୯**
**ନ୍ୟୁଜ୍‌ବ୍ୟୁରୋ**

ଗତ ୧୦ ତାରିଖ ଭୋର ୪.୩୦ରେ କିମସ୍ ସୁପର ସ୍ପେଶାଲିଟି ହସ୍‌ପିଟାଲରେ ପୂର୍ବତନ ଟ୍ରେଜେରୀ ନିୟନ୍ତ୍ରକ ସୁବ୍ରତ ସେନାପତିଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ କିଛିଦିନ ହେଲା ଚିକିତ୍ସିତ ହେଉଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ମନ୍ଦାକ୍ରାନ୍ତା ସେନାପତି, ପୁଅ ବୋହୂ, ବଡଭାଇ ଏବଂ ବନ୍ଧୁପରିଜନ ଉପସ୍ଥିତ ଥିଲେ। ତାଙ୍କର ସାନପୁଅ ସୁଜିତ ସେନାପତି ତାଙ୍କୁ ମୁଖାଗ୍ନି ଦେଇଥିଲେ।

ସୁବ୍ରତ ସେନାପତି ପୂର୍ବତନ ଫ୍ରିଡମ ଫାଇଟର ଏବଂ ଏକ୍ସ ଏମଏଲଏ ତ୍ରିଲୋଚନ ସେନାପତିଙ୍କ ସୁପୁତ୍ର ଥିଲେ ଏବଂ ଫକୀର ମୋହନ ସେନାପତିଙ୍କ ବଂଶଧର ଥିଲେ। ତାଙ୍କର ବିଦ୍ୟାଳୟ ଶିକ୍ଷା ୟୁନିଟ-୧ ଭୁବନେଶ୍ୱର, ବାଳକ ବିଦ୍ୟାଳୟରେ ଆରମ୍ଭ ହୋଇ ବିଜେବି କଲେଜରେ ପ୍ଲସ୍ ଟୁ ପଢିଥିଲେ। ପରେ ସେ ବାଲେଶ୍ୱରରେ ଅଧ୍ୟୟନ କରିଥିଲେ ଏବଂ ରେଭେନ୍ସାରେ ଏମ୍ଏ କରିଥିଲେ। ଓଏଫ୍ଏସ୍ ଭାବରେ ସେ ଚାକିରି ଜୀବନ ଆରମ୍ଭ କରି ବିଭିନ୍ନ ଚେକ୍‌ଗେଟ୍‌ରେ ସଫଳତାର ସହ କାର୍ଯ୍ୟ କରିଥିଲେ। ପରେ ସେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ (ସ୍ପେଶିଆଲ ସେକ୍ରେଟାରୀ) ହିସାବରେ କାର୍ଯ୍ୟ କରି ଟ୍ରେଜେରୀ ନିୟନ୍ତ୍ରକ ଭାବରେ ଅବସର ନେଇଥିଲେ। ସେ ଅତ୍ୟନ୍ତ ପରୋପକାରୀ ଏବଂ ବନ୍ଧୁବତ୍ସଳ ଥିଲେ। ତାଙ୍କର ପରଲୋକ ଖବର ପାଇଲା ପରେ ତାଙ୍କ ଏରୋଡ୍ରମ ଏରିଆ ସ୍ଥିତ ବାସଭବନକୁ ତାଙ୍କ ଶେଷ ଦର୍ଶନ ପାଇଁ ବନ୍ଧୁପରିଜନ, ସାଙ୍ଗସାଥୀଙ୍କ ସୁଅ ଛୁଟିଥିଲା। ବିଶେଷ କରି ବିଜେବି-୮୧ ବ୍ୟାଚ୍‌ର ଶତାଧିକ ବନ୍ଧୁ ଉପସ୍ଥିତ ଥିଲେ। ତାଙ୍କର ଶେଷକୃତ୍ୟ ତାଙ୍କ ନିଜ ଗ୍ରାମ ବାଲେଶ୍ୱରରେ କରାଯାଇଥିଲା।



## 'ସମ୍ବାଦ କଳିକା' ସମ୍ପାଦକଙ୍କ ଶୋକ

ସୁବ୍ରତ ସେନାପତିଙ୍କ ବିୟୋଗରେ 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ ଗଭୀର ଶୋକପ୍ରକାଶ କରିଛନ୍ତି। ଶ୍ରୀ ରାୟ ତାଙ୍କ ଶୋକ-ବାର୍ତ୍ତାରେ କହିଛନ୍ତି ଯେ, ସୁବ୍ରତ ମୋର ବାଲ୍ୟ ବନ୍ଧୁ ଥିଲା। ଆମେ ଦୁହେଁ ଅତ୍ୟନ୍ତ ଘନିଷ୍ଠ ବନ୍ଧୁ ଥିଲୁ। ସେ ଅତ୍ୟନ୍ତ ସରଳ, ମେଳାପୀ, ବନ୍ଧୁବତ୍ସଳ ଏବଂ ସ୍ନେହୀ ଥିଲା। ଆମେ ବିଜେବିରେ ପଢୁଥିବା ସବୁ ବନ୍ଧୁମାନଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାରେ ସେ ପୁରୋଧା ଥିଲା। ଶୁକ୍ରବାର ତା'ର ପରଲୋକ ଖବର ଶୁଣି ମୁଁ ଅତ୍ୟନ୍ତ ମର୍ମାହତ। ବିଶ୍ୱାସ ହେଉନି ସେ ଆମ ଗହଣରେ ନାହିଁ। ଦୀର୍ଘ ୧୫ ବର୍ଷ ହେଲା ଆମ ବିଜେବି ୮୧ ବ୍ୟାଚର ବନ୍ଧୁମିଳନ ପାଇଁ ସମସ୍ତ ପ୍ରକାର ସହଯୋଗ କରିଆସୁଥିଲା ସୁବ୍ରତ। ତା' ପରି ସାହାଯ୍ୟକାରୀ ଏବଂ ପରୋପକାରୀ ବ୍ୟକ୍ତି ବିରଳ। ପରସ୍ପର ସୁଖଦୁଃଖରେ ଭାଗନେଇ ସବୁ ସମୟରେ ପାଖରେ ଛିଡ଼ାହେବା ବନ୍ଧୁ ମୋର ଚାଲିଯିବା ଖବର ମୋତେ ଅତ୍ୟନ୍ତ ଦୁଃଖ ଦେଇଛି। ସୁବ୍ରତର ବିକଳ୍ପ କେହି ନାହାନ୍ତି। ମୁଁ ତାକୁ ସବୁଦିନ ପାଇଁ ହରାଇଲି। ଏହି ଦୁଃଖଦ ସମୟରେ ମାମି ଓ ତା' ଦୁଇ ପୁଅଙ୍କୁ ମୁଁ ଗଭୀର ସମବେଦନା ଜଣାଉଛି। ସୁବ୍ରତର ଆତ୍ମା ଚିରଶାନ୍ତି ଲାଭ କରୁ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।


## ଓମାନରୁ ଓଡ଼ିଆ ଯୁବକଙ୍କ ମରଶରୀର ଆଣିବା ପାଇଁ ବୈଜୟନ୍ତଙ୍କ ଉଦ୍ୟମ

**ଭୁବନେଶ୍ୱର, ୧୨।୯**
**ନ୍ୟୁଜ୍‌ବ୍ୟୁରୋ**

ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓମାନରେ ମୃତ ଓଡ଼ିଆ ଯୁବକ ଶେଖ ଜାଫର ଉଦ୍ଦିନଙ୍କ ମରଶରୀର ଭାରତ ଫେରାଇ ଆଣିବାପାଇଁ ଓମାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ କପିଳ ପ୍ରସାଦ ଗ୍ରାମର ଶେଖ ଜଲୀଲ ଉଦ୍ଦିନଙ୍କ ପୁଅ ଜାଫର ଉଦ୍ଦିନ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ କୌଣସି କାରଣରୁ ତାଙ୍କର ସେପ୍ଟେମ୍ବର ୭ ତାରିଖରେ ମୃତ୍ୟୁ ହୋଇଥବା କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। ଜାଫରଙ୍କ ପତ୍ନୀ ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ପାଇଁ ପୂର୍ବତନ କୋର୍ପୋରେଟର ମଣ୍ଟୁ ନନ୍ଦଙ୍କ ଜରିଆରେ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ମରଶରୀରକୁ ଭାରତ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି।

ଏବେ ବଜାରରେ ମିଳୁଛି...

'କଥାକଳିକା'ର ମହାପୂଜା ସଂଖ୍ୟା
ସେପ୍ଟେମ୍ବର-୨୦୨୫




ବିଶିଷ୍ଟ କଥାକାରଙ୍କର କଥାରେ ସମୃଦ୍ଧ...

**ସ୍ମରଣୀୟ କଥା :** ଉପେନ୍ଦ୍ର ପ୍ରସାଦ ନାୟକ।
**ସମକାଳର କଥା :** ସଦାନନ୍ଦ ତ୍ରିପାଠୀ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, କ୍ଷୀରୋଦ ଦାସ, ଭାସ୍କର ଜେନା, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚାନ୍ଦ, ରଞ୍ଜନ କୁମାର ଦାସ, ସୌରୀନ୍ଦ୍ରି ସାହୁ, ରୁମ୍ ଝୁମ୍ ନାୟକ, ଆଭାସ ବରାଳ, ଶଶିକାନ୍ତ ରାଉତ, ସୋମା ଚାନ୍ଦ, ସୁକାନ୍ତ ଦାସ, ପ୍ରତାପ ବିଶ୍ୱାଳ, ବିଜନବାଳା ପାଟଯୋଷୀ, ସୁଷମା ଦାଶ, ବିଜୟ ଦାଶ, ବିଜୟ ମଲ୍ଲ, ସୁଜାତା ମହାପାତ୍ର, କିରଣ ମିଶ୍ର, ସୁନିତା କର, ଆଶାଲତା ପଣ୍ଡା, ସଂଯୁକ୍ତା ଦାଶ, ବନ୍ଦନା ପଣ୍ଡା, ବିଜୟଲକ୍ଷ୍ମୀ ସାହୁ।
**ଅନ୍ୟ ଭାଷାର କଥା :** କନକ ମଞ୍ଜରୀ ପଟ୍ଟନାୟକ, ରେବାଦାସ ପଟ୍ଟନାୟକ।
**ଯୁବ ମାନସର କଥା :** ଜାକିର ଖାନ୍, ଲିପ୍‌ସା ପଟେଲ, ପ୍ରକାଶ ସାହୁ, ସ୍ରୋତସ୍ୱିନୀ ପରିଡ଼ା, ଶ୍ରୀତମ ବାରିକ।
**ଏବଂ ଶେଷରେ....**
**କଥା ସାଗର :** ଅନୁବାଦ ଉପନ୍ୟାସ : ସୁପ୍ରଭା ରାୟ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୬୪/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ଅର୍ଚ୍ଚନା ନାଗଙ୍କ ଘର ସିଲ୍ କଲା ଇଡି



**ଭୁବନେଶ୍ୱର, ୧୨।୯ : ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ସତ୍ୟନଗରସ୍ଥିତ ଅର୍ଚ୍ଚନା ନାଗଙ୍କ ଏ+୨ କୋଠାକୁ ଆଟାଚ କରିବା ସହିତ ତାହାକୁ ସିଲ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଶୁକ୍ରବାର ଇଡି ପକ୍ଷରୁ ଅର୍ଚ୍ଚନାଙ୍କ ଘରେ ଚଢ଼ଉ କରାଯିବା ସହିତ ଏହି ପଦକ୍ଷେପ ନିଆଯାଇଛି। ୨୦୨୨ ଅର୍ଥ କାରବାର ମାମଲାରେ କୋର୍ଟ ଅର୍ଚ୍ଚନାଙ୍କୁ ଘର ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଇଡି ପକ୍ଷରୁ ମଧ୍ୟ ଅର୍ଚ୍ଚନାଙ୍କୁ ଉକ୍ତ ଘର ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇ ଥିଲା। ହେଲେ ସେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିଲେ। ତେଣୁ ଇଡି ପକ୍ଷରୁ ଅର୍ଚ୍ଚନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କ ଘରକୁ ଆଟାଚ କରାଯାଇଛି। ଆର୍ଥିକ ଅନିୟମିତତା ଆଇନ ୨୦୦୨ ଅଧୀନରେ ଏହି ପଦକ୍ଷେପ ନିଆଯାଇ ଥିବା ଜଣାପଡ଼ିଛି।

# ନୂତନ ଅଧ୍ୟକ୍ଷ ଡ. ଅନୀତା ସକ୍ସେନାଙ୍କ ପ୍ରଥମ ଏମ୍ସ ଭୁବନେଶ୍ୱର ଗସ୍ତ

**ଭୁବନେଶ୍ୱର, ୧୨।୯**
**ନ୍ୟୁଜ୍‌ବ୍ୟୁରୋ**

ପୂର୍ବ ଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏକ ପ୍ରମୁଖ ବ୍ରାଣ୍ଡ୍ ପାଲଟିଛି ଏମ୍ସ ଭୁବନେଶ୍ୱର। ଚିକିତ୍ସା ବିଜ୍ଞାନ, ରୋଗୀସେବା ଏବଂ ଗବେଷଣା କ୍ଷେତ୍ରରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବିଶ୍ୱାସ ଜିଣିବାରେ ସଫଳ ହୋଇଛି। ତେବେ ରାଷ୍ଟ୍ରୀୟସ୍ତରରେ ଦକ୍ଷତା ବିକାଶ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ଉତ୍‌ପ୍ରେରକ ଭାବେ କାର୍ଯ୍ୟକରିବ। ନୂତନ ଭାବେ ଏହି ମର୍ଯ୍ୟାଦାଜନକ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅଧ୍ୟକ୍ଷ ଭାବେ ମନୋନୀତ ହେବା ପରେ ଏମ୍ସକୁ ପ୍ରଥମ ଗସ୍ତରେ ଆସି ଏପରି ମତବ୍ୟକ୍ତ କରିଛନ୍ତି ଡ. ଅନୀତା ସକ୍ସେନା। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ବିହାର ଓ ଆନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ ରାଜ୍ୟର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନକ୍ଷେତ୍ରରେ ଏମ୍ସ ଭୁବନେଶ୍ୱରର ବ୍ୟାପକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ ଏମ୍ସ ଭୁବନେଶ୍ୱରର ନୂତନ ଅଧ୍ୟକ୍ଷ ଡ. ଅନୀତା ସକ୍ସେନା।



ଚାରି ଦଶନ୍ଧିର ବୃତ୍ତିଗତ ଉତ୍କର୍ଷତା ସହିତ ସମଗ୍ର ଦେଶରେ ସୁପରିଚିତ ସଫଳ ଶିଶୁ ହୃଦ୍‌ରୋଗ ବିଶେଷଜ୍ଞ ଡ. ଅନୀତା ସକ୍ସେନାଙ୍କୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସ୍ୱାଗତ କରିଥିଲେ।

ଗସ୍ତ ପ୍ରାରମ୍ଭରେ ଡ. ସକ୍ସେନା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଏମ୍ସ ଭୁବନେଶ୍ୱର ପ୍ରତିଷ୍ଠାତା ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଭିନ୍ନ ବିଭାଗର ଓପିଡି ପରିଦର୍ଶନ କରିବା ସହିତ, ଏକାଧିକ ଭିତ୍ତିଭୂମି ଏବଂ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଯାଞ୍ଚ କରିଥିଲେ ଏବଂ ରୋଗୀ, ବିଭାଗୀୟ ମୁଖ୍ୟ, ଅଧ୍ୟାପକ/ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରି, ଅନ୍ତର୍ଭୁକ୍ତୀକରଣ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲେ।